## ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

ପାରଳାଖେମୁଣ୍ଡି, ୧୦।୮ (ସ୍ୱ.ପ୍ର.) – ସହରସ୍ଥିତ ଡ. ସତ୍ୟନାରାୟଣ ରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବିତରଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ଅଧିକ ଉତ୍ସାହିତ ହେବା ସହ ବିଦ୍ୟାଳୟର ଉପସ୍ଥାନ ବୃଦ୍ଧିପାଇବ ବୋଲି କହିଥିଲେ। ପ୍ରଧାନଶିକ୍ଷକ ନବ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱକରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧ୍ୟକ୍ଷ ପି. କ୍ରିଷ୍ଣା, ବାବୁଲା ପଟ୍ଟନାୟକ, ବାବୁନା ବେହେରା, ସିଆରସିସି ଟି. କ୍ରିଷ୍ଣା, ଗଣପତି ବେହେରା, ରାଧାଗୋବିନ୍ଦ ପଣ୍ଡାଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ ।

# ୮ ବର୍ଷେ ହେଲା ସରୁନି ରାସ୍ତା, କଲଭର୍ଟ କାମ

ପାରଳାଖେମୁଣ୍ଡି, ୧୦।୮ (ସ୍ୱ.ପ୍ର.)

ସ୍ଥାନୀୟ ଫରେଷ୍ଟ ଗେଟ୍ ଛକରୁ ଗଜପତି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ବର୍ଷେ ହେଲା ସରୁନି। ଏଠାରେ ସୂଚନା ଯୋଗ୍ୟ ଯେ, ପ୍ରାୟ ବର୍ଷେ ପୂର୍ବରୁ ଆରମ୍ଭ ହୋଇଥିବା ଏହି ରାସ୍ତା ଓ କଲଭର୍ଟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆରେ ପଡ଼ିରହିଛି । ଏହି ରାସ୍ତାରେ ୪ଟି କଲଭର୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ୨ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ଆଉ ଦୁଇଟିର କାମ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନି। ସେହିପରି ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ରାସ୍ତାକୁ ଖୋଳି ଖାଲଖମା ହୋଇଯାଇଥିବାରୁ ଯାତାୟାତରେ ସମସ୍ୟା ଉପୁଜିବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ପୁଣି ଏବେ ବର୍ଷାଦିନ ଯୋଗୁ ସମସ୍ୟା ବଢ଼ିଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏହି ରାସ୍ତାରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ଆଶଙ୍କାରେ ରାତିରେ ଲୋକେ ଯିବା ଆସିବା ପାଇଁ ଭୟ କରୁଛନ୍ତି । ତେଣୁ ଏହି ରାସ୍ତା କାମ ଅବିଳମ୍ବେ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି ରାସ୍ତା ଓ କଲଭର୍ଟ କାମ।

## ଦାମନଯୋଡ଼ିରେ ଝୁଲଣ ଆରମ୍ଭ

ଦାମନଯୋଡ଼ି, ୧୦।୮ (ଡି.ଏନ୍.ଏ.)

ନାଲ୍କୋ ଟାଉନସିପ୍ ଶ୍ରୀଜଗନ୍ନାଥ ମନ୍ଦିର ଓ ମାଥାଲପୁଟର ରାଧାକୃଷ୍ଣ ମନ୍ଦିରରେ ପବିତ୍ର ଝୁଲଣ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ଯାଏ ଏହା ଚାଲିବ। ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୁରତିଙ୍କ ସକାଳ ନୀତି ପରେ ଝୁଲଣ ପାଇଁ ସ୍ୱତନ୍ତ୍ର ଆୟୋଜନ ହୋଇଥିଲା। ଏକ ସୁସଜ୍ଜିତ ଝୁଲଣ ବିମାନରେ ଶ୍ରୀରାଧାକୃଷ୍ଣଙ୍କୁ ବସାଇ ପୂଜାର୍ଚ୍ଚନା ସହ ଝୁଲଣ ହୋଇଥିଲା। ପୂଜକ ଅଜୟ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, ନୀଳାଞ୍ଚଳ ମହାପାତ୍ର, ପ୍ରଭାତ ରଥ, ଅଭିମନ୍ୟୁ ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା ପୂଜାନୀତି କରିଥିଲେ। କର୍ମକର୍ତ୍ତା ଏସ୍.କେ. ଦାସ, ସୁଶାନ୍ତ କୁମାର ଦାଶ, ଆର୍.ଏନ୍. ମୁଦୁଲି, ଶିଶିର ପରିଡ଼ା, ଖଗେଶ୍ୱର ପାତ୍ର, ଅଲେଖ ଚରଣ ନାୟକ, ପୂର୍ଣ୍ଣଚନ୍ଦ୍ର ରାଉତରାୟ, ବିକ୍ରମ ଜେନା, ଖଦାଳ ନାୟକ, ଅରୂପ ନାୟକ, ପି.କେ. ମୁନି, ଏସ୍.କେ. ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମାଥାଲପୁଟ ଶ୍ରୀରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ ପୂଜକ ପ୍ରତାପ ପଣ୍ଡା, ପ୍ରଣୟ ଦେବତା ପୂଜାକାର୍ଯ୍ୟ କରିଥିଲେ। କର୍ମକର୍ତ୍ତା ସୁଦାମ ବାରିକ, ସୂର୍ଯ୍ୟକାନ୍ତ ପାଇଯୋଶୀ, ଶୂନ୍ୟବାସୀ ବିଶ୍ୱାଳ, ମନତୋଷ ପାଢ଼ୀ, କ୍ଷୀରୋଦ ଚୌଧୁରୀ, କୃଷ୍ଣ କୁଳଦୀପ, ଆକୁଳ ଜେନା, ପଞ୍ଚାନନ ପାତ୍ର, ସଞ୍ଜୟ ବିଶ୍ୱାଳ, ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଝୁଲଣ ବିମାନରେ ରାଧାକୃଷ୍ଣ ।

### ଆତଙ୍କରାଜ, ବାଇକ୍ ପୋଡ଼ାଜଳା ଘଟଣାକୁ ମାସେ ପୂରିଲା

# ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ, ୧୦।୮

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀରେ ଜୁଲାଇ ୧୦ ତାରିଖରେ କେତେଜଣ ଯୁବକ ଆତଙ୍କ ଖେଳାଇବା ସହ ୪ ବାଇକକୁ ଭଙ୍ଗାରୁଜା କରି ପୋଡି ଦେଇଥିଲେ। ଏହି ଘଟଣାକୁ ମାସେ ପୂରିଥିଲେ ମଧ୍ୟ ପୋଲିସ ଏଯାଏ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ବାସ୍ତବରେ ପୋଲିସ ତାଙ୍କୁ କାବୁ କରିପାରୁନାହିଁ ନା କୌଣସି ଅଦୃଶ୍ୟ ଶକ୍ତି ଚାପରେ ପଡି ବଞ୍ଚାଉଛି ତାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଆଙ୍ଗୁଠି ଉଠିଛି। ପଣ୍ଡା କଲୋନୀରେ ଅଭିଯୁକ୍ତମାନେ ଲୋକଙ୍କୁ ଆତଙ୍କିତ କରିବା ସହ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଥିଲେ। ଏହି ଘଟଣାରେ ଆଙ୍କୁଲିର ସୁମନ୍ତ ନାୟକଙ୍କୁ କେବଳ ପୋଲିସ କୋର୍ଟ ଚାଲାଣ କରି ଚୁପ ବସିଛି। ମୁଖ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିଥିଲେ ମଧ୍ୟ ତାଙ୍କୁ ଧରିପାରୁନି। ପ୍ରକାଶ ଯେ, ଜୁଲାଇ ୧୦ ତାରିଖ ରାତିରେ କରାପଲ୍ଲୀର ରାଜେନ୍ଦ୍ର ନାୟକ ଓ ଉକ୍ତ ଗ୍ରାମର କିଛି ଭଦ୍ରବ୍ୟକ୍ତି ଏକ ମାମଲାର ସମାଧାନ ପାଇଁ ପଣ୍ଡା କଲୋନୀ ଆସିଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ୮/୯ ଜଣ ସହଯୋଗୀ ସେଠାରେ ପହଞ୍ଚି ରାଜେନ୍ଦ୍ର ଓ ଅନ୍ୟ ଭଦ୍ରବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଅନ୍ୟ ଭଦ୍ରବ୍ୟକ୍ତିମାନେ ମଧ୍ୟ ଆକ୍ରମଣର ଶିକାର ହୋଇ ନିଜ ନିଜ ବାଇକ ଛାଡି ଦୌଡି ପଳାଇଥିଲେ। ପରେ ଅଭିଯୁକ୍ତମାନେ ଉକ୍ତ ବାଇକଗୁଡିକରେ ନିଆଁ ଲଗାଇ ପୋଡି ଦେଇଥିଲେ। ଆହତ ରାଜେନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୩୧/୧୯ରେ ମାମଲା ରୁଜୁ କରିଥିଲା।

# ଜୟପୁରରେ ଜମୁଛି ରାଖୀ ବଜାର



ଜୟପୁର ସହରରେ ରାଖୀ ବଜାର ।

ଜୟପୁର, ୧୦।୮ (ଡି.ଏନ୍.ଏ.)

ଗହ୍ମା ପୂର୍ଣ୍ଣିମା ପାଇଁ ଜୟପୁର ସହରରେ ରାଖୀର ବଜାର ବେଶ୍ ଚଳଚଞ୍ଚଳ ହୋଇଛି। ସହରରେ ୧୫ରୁ ଅଧିକ ଅସ୍ଥାୟୀ ଦୋକାନ ଖୋଲିଛି। ଆଠଦିନ ପୂର୍ବରୁ ବଜାରରେ ରାଖି ବିକ୍ରି ଆରମ୍ଭ ହୋଇଥିବା ବେଳେ ସହରର ୱେଲକମ ଛକଠାରୁ ମହାତ୍ମାଗାନ୍ଧି ରାସ୍ତା ପାର୍ଶ୍ୱ ସାଇକେଲ ଓ ବାଇକ ଷ୍ଟାଣ୍ଡଠାରେ ୧୫ଟି ଦୋକାନ ଖୋଲିବାକୁ ପ୍ରଶାସନ, ପୋଲିସ ଓ ପୌରସଂସ୍ଥା ଅନୁମତି ଦେଇଛି। ବଜାରରେ ଚଳିତ ବର୍ଷ ୧ ଟଙ୍କାରୁ ୭ଶହ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ରାଖୀ ବିକ୍ରି ହେଉଛି। ୭ଶହ ଟଙ୍କା ମୂଲ୍ୟର ରାଖୀରେ ଆମେରିକା ଡାଇମଣ୍ଡ ଭାବେ ଏମିଟେସନ ଖୋଦିତ ହୋଇଛି ବୋଲି ଦୋକାନୀ ବି. କୁମାର ପ୍ରକାଶ କରିଛନ୍ତି । ଗତ ବର୍ଷ ତୁଳନାରେ ୧୦ରୁ ୧୫ଟି ନୂଆ ଡିଜାଇନର ରାଖି ବଜାରକୁ ଆସିଛି । ଏଯାବତ୍ ରାଖୀ ବିକ୍ରି ଜୋର ଧରି ନଥିବା ବେଳେ ପର୍ବରୁ ଦୁଇରୁ ତିନି ଦିନ ପୂର୍ବରୁ ବଜାର ଜୋର ଧରିବ ବୋଲି ବ୍ୟବସାୟୀ ପ୍ରଶାନ୍ତ ବେହେରା କହିଛନ୍ତି।

TATA STEEL BSL TATA

ଟାଟା ଷ୍ଟିଲ ବିଏସଏଲରେ ଚାକିରି ଆଳରେ ଠକେଇରୁ ସତର୍କ ରୁହନ୍ତୁ

ଟାଟା ଷ୍ଟିଲ ଲିମିଟେଡରେ ଚାକିରି କରାଇଦେବା ନାଁରେ କିଛି ଅସାଧୁ ଲୋକ ନିଯୁକ୍ତି ପତ୍ର ପ୍ରଦାନ କରୁଥିବାର ଖବର ଆମର ହସ୍ତଗତ ହୋଇଛି। ଏହି ଅସାଧୁ ବ୍ୟକ୍ତିମାନେ କମ୍ପାନୀ ନାମରେ ଚାକିରି କରାଇଦେବା ଆଳରେ ଆବେଦନ ପତ୍ର ଗ୍ରହଣ କରି ନୀରିହ ପ୍ରାର୍ଥୀଙ୍କୁ ପ୍ରକ୍ରିୟାଗତ ଖର୍ଚ୍ଚ ନାମରେ ଅର୍ଥ ମାଗୁଛନ୍ତି କିମ୍ବା ମିଥ୍ୟା ଇମେଲ ଓ ଟେଲିଫୋନ କରି ଅର୍ଥ ପଇଠ କରିବାକୁ କହୁଛନ୍ତି। ଏପରିକି ନକଲି ଆବେଦନ ପତ୍ର ପଠେଇବା ଏବଂ ସାକ୍ଷାତକାର ତଥା ଟେଲିଫୋନ ସାକ୍ଷାତକାର ମଧ୍ୟ ଆୟୋଜନ କରୁଛନ୍ତି।

ଆମେ ସମସ୍ତଙ୍କୁ ଏହି ସମ୍ବନ୍ଧରେ ଜଣାଇବାକୁ ଚାହୁଁଛୁ ଯେ ଟାଟା ଷ୍ଟିଲ ବିଏସଏଲ ଲିମିଟେଡ ଯୋଗ୍ୟତା ତଥା ମେଧା ଅନୁସାରେ ନିଜର କର୍ମଚାରୀ ଚୟନ କରିଥାଏ। ଆମେ ଚୟନ ପ୍ରକ୍ରିୟା ସମୟରେ ପ୍ରାର୍ଥୀଙ୍କୁ ସାକ୍ଷାତକାର ପାଇଁ ନିମନ୍ତ୍ରଣ ଅବସରରେ କିମ୍ବା ଚୟନ ପରିଶେଷରେ କୌଣସି ଅର୍ଥ କିମ୍ବା ଅମାନତ ରାଶି ଜମା କରିବା ନିମନ୍ତେ କହି ନଥାଉ।

ଯଦି କୌଣସି ପ୍ରାର୍ଥୀଙ୍କୁ ଟାଟା ଷ୍ଟିଲ ବିଏସଏଲରେ ଚାକିରି କିମ୍ବା ସାକ୍ଷାତକାର କରାଇଦେବା ପାଇଁ କେହି ଅର୍ଥ ଦାବି କରୁଥାନ୍ତି ପ୍ରାର୍ଥୀମାନେ ଏଭଳି ପ୍ରସ୍ତାବକୁ ଗ୍ରହଣ ନ କରିବାକୁ ଅନୁରୋଧ। କମ୍ପାନୀରେ କୌଣସି ପ୍ରକାରର ସାକ୍ଷାତକାର ପାଇଁ ସୁଯୋଗ ଆସିଲେ ସଂପୃକ୍ତ ବ୍ୟକ୍ତି ଆମର ୱେବସାଇଟ୍ **www.tatasteelbsl.co.in**ରୁ ଆବଶ୍ୟକୀୟ ସୂଚନା 'ମାନବ ସମ୍ବଳ' ବିଭାଗରୁ ସଂଗ୍ରହ କରିପାରିବେ।

OFFICE OF THE PRINCIPAL
INSTITUTE OF MANAGEMENT & INFORMATION TECHNOLOGY
(A Constituent College of BPUT, Govt. of Odisha)
BOSE CAMPUS, PO - SCB MEDICAL COLLEGE CAMPUS, CUTTACK - 753007
No. 1078, Date.10.08.19

SPOT ADMISSION VACANT SEATS FOR M.TECH (CSE) & M.TECH (IT) FOR THE YEAR 2019-20

The spot admission for the un-allotted/ non-reported M.Tech (CSE) & M.Tech (IT) will be held at IMIT, Cuttack in two phases as per the following schedule.

| Phase | Date of Spot Counseling | Time of reporting & registration | Time of display of merit list | Time of Spot admission |
|---|---|---|---|---|
| 1 | 12.08.2019 | 10.00 AM to 1.00 PM | 3 :00 PM | 4.00 PM onwards |
| 2 | 14.08.2019 | 10.00 AM to 1.00 PM | 3 :00 PM | 4.00 PM onwards |

The detail information and modalities for spot selection is available in the college website, www.imit.ac.in.

Sd/- PRINCIPAL

GANGADHAR MEHER UNIVERSITY
AMRUTA VIHAR, SAMBALPUR
No. 4032 / GMU, Date : 10.08.2019

PG ADMISSION NOTIFICATION 2019-20 (VACANT SEAT)

Applications are invited for admission into a few vacant seats of PG Programmes of (MBA-FM, MSC-ETC, MSC Anthropology, MA Sociology) of Gangadhar Meher University, Sambalpur for the session 2019-20.
Interested candidates are required to visit the university website www.gmuniversity.ac.in for eligibility, application form, information Brochure & other details.
For the PG Vacant Seat Admission 2019-20, The downloaded Hard Copy of Application Form along with necessary documents will be received in the Academic Section GMU, SBP from Dt. 14.08.2019 to Dt. 19.08.2019 (10.30 am to 12.30pm). Candidates are advised to visit the University website www.gmuniversity.ac.in for details. If required, candidates may contact the following helpline number from 10.00 am to 05.00pm.
Admission helpline number :
Shri P.K. Harpal, 8763634897

Sd./- Registrar
G.M. University Amruta Vihar, Sambalpur

COLLEGE OF ENGINEERING & TECHNOLOGY (Autonomous)
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India
No. 2228/CET Date: 10.08.2019

NOTICE

Following Govt. instruction, **SPOT ADMISSION** for the academic year 2019-20 shall be held in CET, Bhubaneswar as per guidelines and schedule indicated below.

**GUIDELINES:**
1) The Spot Admission shall be conducted for both unallotted seats as notified by OJEE and the non-reported seats after the final allotment.
2) The candidates having valid JEE (Main)-2019 / OJEE-2019 rank are eligible to participate in the Spot Counseling.
3) There is no category wise restriction during Spot Admission. However, the non-domicile outstate candidates have to pay the fees at par with IIIT, Bhubaneswar.
4) **Fees:** Candidates have to submit Demand Draft of Rs. 10,000/- (Rs. 5000/- for SC & ST candidates) towards part admission fee drawn in any nationalized bank in favour of OJEE-2019 payable at Bhubaneswar and another Demand Draft of Rs. 450/- towards counseling fee draw in any nationalized bank in favour of OJEE-2019 payable at Bhubaneswar. Payment of part admission fee and counseling fee is mandatory on the same day of spot counseling by the candidates to confirm the allotment for spot admission..
5) Candidates are required to produce JEE (Main) Rank Card and other relevant supporting documents.
6) For vacant seats, candidates are required to visit the respective college/institution websites: VSSUT, Burla: **www.vssut.ac.in,** CET, Bhubaneswar: **www.cet.edu.in,** IGIT, Sarang: **www.igitsarang.ac.in,** PMEC, Berhampur: **www.pmec.ac.in,** GCE, Kalahandi: **www.gcekbpatna.ac.in** and GCE, Keonjhar: **www.gcekjr.ac.in**

**SCHEDULE:**

| Event | Date | Reporting Time | Declaration of Merit List | Admission (Collection of Documents & DD) |
|---|---|---|---|---|
| 1st Round | 13.08.2019 | 10:00 AM to 1:00 PM | 3:00 PM | 3:00 PM – 5:00 PM |
| 2nd Round | 14.08.2019 | 10:00 AM to 1:00 PM | 3:00 PM | 3:00 PM – 5:00 PM |

THE ABOVE SPOT ADMISSION PROCESS WILL BE HELD JOINTLY FOR VSSUT, BURLA; CET, Bhubaneswar, IGIT, SARANG, PMEC, BERHAMPUR; GCE, KALAHANDI AND GCE, KEONJHAR AT THIS VENUE.

Sd/-
PRINCIPAL

CIME Bhubaneswar
उद्यमेन ही सिध्यन्ति
NAAC Accredited
COLLEGE OF IT & MANAGEMENT EDUCATION
(A Constituent College of BPUT, Odisha)

NOTICE FOR SPOT ADMISSION - 2019
FOR THE REMAINING VACANT SEATS
IN MBA / MCA / MCA (LE) / M.Tech (CSE)

Spot Counseling for the remaining vacant seats shall be conducted as per the schedule below for MBA, MCA, MCA-LE and M.Tech (CSE):

| Date of Spot Counseling | Time of reporting & registration | Time of display of merit list | Time of Spot admission |
|---|---|---|---|
| 13th & 14th Aug 2019 | 10.00 AM to 1.00 PM | 3.00 PM | 4.00 PM onwards |

The following modalities will be followed during Spot Counseling:
1. Candidates having valid OJEE-2019 rank shall participate in counseling at college level. However, the candidates who have got final allotment in OJEE counseling process and have already taken admission in any of the technical / professional colleges of the State are not eligible to participate in Government College Spot Admission Process.
2. OJEE-2019 rules and regulations will be followed during Spot Admission.
3. All candidates seeking spot admission are required to report with the original documents and a set of self-attested photocopies as mentioned in Annexure-I (available in our website).
4. Candidates having valid rank in CAT / MAT / XAT / ATMA and CMAT are also allowed for Institute level admission in MBA program against the vacant seats as per guidelines of OJEE Counseling Brochure 2019.
5. Selected candidates have to deposit **Rs.10,000/-** (**Rs.5,000/-** in case of ST / SC candidates) as part admission fee and **Rs.450/-** as counseling fee through Bank Draft in favour of **Chairman, OJEE-2019, payable at Bhubaneswar.** Candidates are advised to bring 2 (two) separate drafts for the above fee.
6. The guidelines / provisions on the eligibility criteria prescribed by the AICTE / other guidelines notified by the Government / OJEE counseling brochure will be strictly followed.
7. For further details, visit website: **www.cime.ac.in** or contact Mr. S.K. Senapati (7008295948) / Dr. P.D. Das (7978668517).

PRINCIPAL

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ

SAMS
Student Academic Management System
No.53-KK

ରାଜ୍ୟରେ ସରକାରୀ ଆଇଟିଆଇ ଗୁଡିକରେ
2019-20 ବର୍ଷରେ ଅନ୍ତିମ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ ।

ସପ୍ଲିମେଣ୍ଟାରି 2019 ଉତ୍ତିର୍ଣ୍ଣ ବା ୧୦ମ ପାସ ପରେ କୌଣସି ଠାରେ ନାମ ଲେଖାଇପାରି ନଥିବା ଛାତ୍ରଛାତ୍ରୀ ମାନଙ୍କୁ ସୁଚାଇଦିଆଯାଉଛି ଯେ ୨୦୧୯-୨୦ ବର୍ଷରେ ରାଜ୍ୟର ସରକାରୀ ଆଇଟିଆଇ ମାନଙ୍କରେ SAMS ଅନଲାଇନ ପଦ୍ଧତି ରେ **ଅନ୍ତିମ ପର୍ଯ୍ୟାୟ ନାମଲେଖା** ପାଇଁ ସ୍ୱଟ ପଞ୍ଜୀକରଣ ଓ ନାମ ଲେଖା ତା 13.08.2019 ଠାରୁ ତା 30.08.2019 ମଧ୍ୟରେ କରାଯାଉଅଛି ।

ସୂଚନା ଯୋଗ୍ୟ ଯେ ଭିତ୍ତିଭୂମି ସୁଦୃଢ ବିଶିଷ୍ଟ ରାଜ୍ୟର 49 ଗୋଟି ସରକାରୀ ଆଇଟିଆଇର ଉନ୍ନତ ମାନର କୁଶଳୀ ତାଲିମ ପ୍ରଣାଳୀ ଆଣି ପାରିଛି ପ୍ରଶିକ୍ଷାର୍ଥୀ ମାନଙ୍କ ପାଇଁ ନିଯୁକ୍ତି ବା ଆତ୍ମନିଯୁକ୍ତି ଭିତ୍ତିକ ଆତ୍ମ ସନ୍ତୋଷ ଓ ପରିବାରରେ ସରସତା । ଆଧୁନିକ ଯନ୍ତ୍ରପାତି ବିଶିଷ୍ଟ କାର୍ମଶାଳା , ଶ୍ରେଣୀ ଗୃହ , ତାଲିମ ପ୍ରାପ୍ତ ପ୍ରଶିକ୍ଷକ, ଆବାସିକ ସୁବିଧା ସହିତ ସୁଦକ୍ଷା , ପ୍ରେରଣା, ନିର୍ମାଣକୁଶୁମ , ଦିବ୍ୟାଙ୍ଗ ମାନଙ୍କ ପାଇଁ ବାଣିଶ୍ରୀ ଯୋଜନା ଓ ମାଗଣା ୟୁନିଫର୍ମ ଇତ୍ୟାଦି ଛାତ୍ରୀ ଛାତ୍ର ମଙ୍ଗଳ ଯୋଜନା ତଥା ଜୀବନ ଦକ୍ଷ୍ୟତା ତାଲିମ ସହ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷାନବିସ ତାଲିମ , ନିଯୁକ୍ତି ବା ଆତ୍ମ ନିଯୁକ୍ତି ର ଭରପୁର ସୁବିଧା । ସୁଦକ୍ଷ୍ୟା ଯୋଜନାରେ ଝିଅ ପିଲାଙ୍କ ପାଇଁ , ନିର୍ମାଣକୁଶୁମ ଯୋଜନାରେ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅ ଙ୍କ ପାଇଁ ଓ ବାଣିଶ୍ରୀ ଯୋଜନାରେ ସମସ୍ତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ତାଲିମ ର ସୁବିଧା ସରକାରୀ ଆଇଟିଆଇରେ ରହିଅଛି ।

**ନାମଲେଖା ପ୍ରଣାଳୀ:**
କ) ତା1.8.2019ରିଖରେ 14 ବର୍ଷ ବୟସର ହୋଇଥିବେ କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।
ଖ) ମାଟ୍ରିକ ଟ୍ରେଡ ପାଇଁ ଗଣିତ ଓ ବିଜ୍ଞାନ ବିଷୟ ଥାଇ ୧୦ମ ଶ୍ରେଣୀ ପାସ କରିଥିବେ କିମ୍ବା ଅଣ ମାଟ୍ରିକ ଟ୍ରେଡ ପାଇଁ ଅଷ୍ଟମ ପାସ ହୋଇ ସ୍କୁଲ ଛାଡି ଥିବେ କିମ୍ବା ୧୦ ମ ଫେଲ ହୋଇଥିବେ ।
ଗ) ତା13.08.2019 ଠାରୁ ତା 30.08.2019 ମଧ୍ୟରେ ଯେକୌଣସି କାର୍ଯ୍ୟଦିବସର ନାମ ଲେଖା ପାଇଁ ସ୍ଥିର କରିଥିବା ସରକାରୀ ଆଇଟିଆଇ କୁ ଦିନ ଦୁଇଟା ମଧ୍ୟରେ ଯାଇ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ନିଜ ନାମ ଖାଲିଥିବା ଟ୍ରେଡ ରେ ପଞ୍ଜୀକୃତ କଲେ ସେଇଦିନର ମେଧା ତାଲିକା ମୁତବକ ନାମ ଲେଖା ହେବ ।
ଘ) ଅଧିକ ବିବରଣୀ ନିମିତ୍ତ , **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline- ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦ ବା** ନିକଟସ୍ଥ ସରକାରୀ ଆଇଟିଆଇ ଗୁଡିକରେ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ର ଭରପୁର ଫାଇଦା ନିଅନ୍ତୁ ।

14004/11/0012/1920 ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା



ଅନ୍ୟମାନଙ୍କ ଭଲ କାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟର



## ସଂକ୍ଷେପରେ

### କାର-ବାଇକ୍ ଧକ୍କା, ଜଣେ ଆହତ

ବୈପାରୀଗୁଡ଼ା,୧୦।୮(ଡି.ଏନ୍.ଏ.): ବ୍ଲକ ସଦରରୁ ୭ କିମି ଦୂର ବୈପାରୀଗୁଡ଼ା-ଜୟପୁର ରାସ୍ତାର ମହୁଲିଠାରେ ଶନିବାର ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ଜଣକ ଆହତ ହୋଇଛନ୍ତି। ସେ ହେଲେ ଲମତାପୁଟ ଅଞ୍ଚଳର ଯୋଗେଶ୍ୱର ଖିଲ (୨୫) । ତାଙ୍କର ଗୋଟିଏ ହାତ ଭାଙ୍ଗିଯାଇଥିବା ବେଳେ ଡାହାଣପଟ ଆଣ୍ଠୁରେ ମାଡ଼ ହୋଇଛି। ସେ ଏବେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

### ଗୋରୁଙ୍କ ରୋଗ ସଚେତନତା ଶିବିର



ଦଶମନ୍ତପୁର,୧୦।୮(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଟିକିରିପଡ଼ା ଗ୍ରାମରେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଶନିବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାଣୀ ଚିକିତ୍ସା ଅଧିକାରୀ ଚିନ୍ମୟ ଶ୍ରୀଚନ୍ଦନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଚାଷୀମାନେ ଯୋଗ ଦେଇଥିଲେ। ବର୍ତ୍ତମାନ ଲାଗିରହିଥିବା ବର୍ଷା ଯୋଗୁ ଖାଦ୍ୟ ନ ପାଇ କେତେକ ଗାଈଗୋରୁଙ୍କ ମୃତ୍ୟୁ ହେଉଛି। ଏହାକୁ ଦୃଷ୍ଟିରେ ରଖି ସେଭଳି ଗାଈଗୋରୁଙ୍କୁ ଚିହ୍ନଟ କରାଯିବା ପରେ ମାଗଣା ଔଷଧ ମଧ ବଣ୍ଟନ କରାଯାଇଛି। ଅନ୍ୟପକ୍ଷରେ ବର୍ଷାଦିନରେ ଆନ୍ଥ୍ରାକ୍ସ ରୋଗର ଆତଙ୍କ ଲାଗିରହିଥାଏ। ଏଥିପ୍ରତି ସଚେତନ ରହିବା ସହ ନିଜ ଗାଈଗୋରୁଙ୍କୁ ବର୍ଷାରେ ନ ଭିଜାଇବା ପାଇଁ ସଜାଗ ରହିବାକୁ ପ୍ରାଣୀ ଚିକିତ୍ସା ଅଧିକାରୀ ସାହୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ବର୍ଷାରେ ଗାଈଗୋରୁ ଓଦା ହେଲେ ଦେଖାଦେଉଥିବା ନିମୋନିଆ ଓ ହାଇପୋଥର୍ମିଆ ରୋଗର ଲକ୍ଷଣ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତରୀ ଦଳଙ୍କୁ ପୁରୁଷୋତ୍ତମ ଗୌଡ଼, ଘନ ହୁଇକା, ଯୋଗେନ୍ଦ୍ର କନ୍ଧପାନ ସହଯୋଗ କରିଥିଲେ।

### ସ୍ୱଚ୍ଛ ଭାରତ ସମୀକ୍ଷା, ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

କୋରାପୁଟ,୧୦।୮(ସ୍ୱ.ପ୍ର.): କୋରାପୁଟ ପୌର ପରିଷଦ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ସ୍ୱାଧୀନତା ଦିବସ ପାଳନ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ସିଓ ରଶ୍ମିତା ଦାସ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସହରର ସ୍ୱଚ୍ଛତା ଦିଗରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଧ୍ୟାନଦେବା ପାଇଁ ନିର୍ବାହୀ ଅଧିକାରୀ ପରାମର୍ଶ ଦେଇଥିଲେ। ଆଗକୁ ରହିଥିବା ଅଗଷ୍ଟ ୧୫ ଓ ସ୍ୱାୟତ୍ତ ଶାସନ ଦିବସ ପାଳନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ପୌରପରିଷଦର ଅଶୋକ ସାହା, ସୀମାଞ୍ଚଳ ପଢ଼ିହାରୀ, ଦୁର୍ଗାପ୍ରସାଦ ସାହୁ, ରବୀନ୍ଦ୍ର ନାୟକ, ଏସ୍. ବାସୁରୁଦ୍ଦିନ, ରବି ସାହ ଉପସ୍ଥିତ ଥିଲେ।

### ସୁଷମାଙ୍କ ବିୟୋଗରେ ସ୍ମୃତିସଭା

ଦାମନଯୋଡ଼ି,୧୦।୮(ଡି.ଏନ୍.ଏ.): କୋରାପୁଟ ଜିଲା ନାଲ୍କୋ କମ୍ୟୁନିଟି ସେଣ୍ଟରଠାରେ ଦାମନଯୋଡ଼ି ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଦିବଂଗତ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଏକ ସ୍ମୃତିସଭା ଆୟୋଜିତ ହୋଇଛି। କବି ସୁଶାନ୍ତ କୁମାର ଦାଶ, ଡ. ନରେଶ ଚନ୍ଦ୍ର ସାହୁ, ଡ. ନିରୋଦ କୁମାର ପ୍ରଧାନ, ଡ. ଅଶୋକ କୁମାର ମହାନ୍ତି, ଅମୂଲ୍ୟ କୁମାର ସାହୁ, ଅମ୍ବିକା ପ୍ରସନ୍ନ ପାଣି, ସୁଦର୍ଶନ ସେନାପତି, ନିର୍ମଳ କୁମାର ବେହେରା, ନାରାୟଣ ସାହୁ, ବିଷ୍ଣୁ ରାଉତ, ତେଜେଶ୍ୱର ପାତ୍ର, ନୃସିଂହ ପଟ୍ଟନାୟକ, ରବୀନ୍ଦ୍ରନାଥ ପରିଡ଼ା, ମୁରଲିଧର ମହାପାତ୍ର ସୁଷମାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦବୀ ମରୁଡ଼ି

## ତୁରନ୍ତ ନିଯୁକ୍ତି ଦେବାକୁ ଏଚ୍ଆରଡି ବିଭାଗକୁ ନିର୍ଦ୍ଦେଶ ଦେଲେ ଏନ୍ଏଚ୍ଆରସି

- ୧୫୪ ପଦବୀରୁ ଖାଲି ପଡ଼ିଛି ୧୩୭
- ୨୩ଟିରୁ ଜଣେ ବି ପ୍ରଫେସର ନାହାନ୍ତି
- ୪୩ ସହଯୋଗୀ ପ୍ରଫେସରରୁ ଅଛନ୍ତି ମାତ୍ର ଜଣେ
- ୮୮ ସହାୟକ ପ୍ରଫେସର ପଦବୀରୁ ୭୨ ଖାଲି

ଜୟପୁର,୧୦।୮(ଡି.ଏନ୍.ଏ.)

କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧିକାଂଶ ପ୍ରଫେସର, ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର ଓ ଅନ୍ୟ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ଛାତ୍ରୀଛାତ୍ରମାନେ ପାଠ ପଢ଼ିବାରେ ଅସୁବିଧା ଭୋଗୁଛନ୍ତି। ସେମାନେ ଏନେଇ ପୂର୍ବରୁ ବାରମ୍ବାର ଆନ୍ଦୋଳନ ଓ ଧାରଣା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ଅଧୀନରେ ଥିବା ଏହି ବିଶ୍ୱବିଦ୍ୟାଳୟରେ ଅବ୍ୟବସ୍ଥା ଲାଗିରହିଛି। ଏହା ମାନବାଧିକାରର ଉଲ୍ଲଂଘନ ବୋଲି ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଜିଲା କୋର୍ଟର ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ ପାତ୍ର ଗତ ଜୁଲାଇ ୯ରେ ଅଭିଯୋଗ କରିଛନ୍ତି। କମିଶନ ଏହି ଅଭିଯୋଗକୁ ଗ୍ରହଣ କରିବା ସହ ୮ ସପ୍ତାହ ଭିତରେ ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଗତ ୨ ତାରିଖ ମାନବ ସମ୍ବଳ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୦୯ରେ କେନ୍ଦ୍ର ସରକାର କୋରାପୁଟରେ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ। ଏଥିରେ ୧୧ଟି ବିଭାଗ ରହିଥିଲେ ମଧ ଆବଶ୍ୟକ ପ୍ରାଧ୍ୟାପକ ଓ ଅନ୍ୟ ପଦବୀ ଅଭାବ ଯୋଗୁ ଶିକ୍ଷାଦାନ ଉପରେ ବାରମ୍ବାର ଅଭିଯୋଗ ଆସୁଛି। ବର୍ତ୍ତମାନ ୧୫୪ଟି ପଦବୀରୁ ୧୩୭ଟି ଖାଲି ପଡ଼ିଛି। ୨୩ ଜଣ ପ୍ରଫେସର ପଦବୀ ରହିଥିବା ବେଳେ ସମସ୍ତ ପଦବୀ ଖାଲି ରହିଛି। ସେହିପରି ସହଯୋଗୀ ପ୍ରଫେସର ୪୩ଟି ମଧ୍ୟରୁ ୪୨ ଓ ସହାୟକ ପ୍ରଫେସର ୮୮ ଜଣଙ୍କ ମଧ୍ୟରୁ ୭୨ ଜଣ ରହିଛନ୍ତି । କୋରାପୁଟ ଏମ୍ପି ସପ୍ତଗିରି ଉଲାକା ମଧ ଗତ ଜୁଲାଇ ୪ରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖି ଏହି ପଦବୀ ପୂରଣ କରିବା ପାଇଁ ଦାବି ଜଣାଇଥିଲେ।

# ଗଞ୍ଜେଇ ସହ ୨ ଗାଡ଼ି ଜବତ

## ୭ ଜଣଙ୍କୁ ଗିରଫ କଲା ପୋଲିସ



ଜବତ ଗଞ୍ଜେଇ, କାର୍ ସହ ଗିରଫ ଅଭିଯୁକ୍ତମାନେ ।

ନନ୍ଦପୁର,୧୦।୮(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଶନିବାର ସକାଳେ ଗାଡ଼ି ଯାଞ୍ଚ କରିବା ବେଳେ ଏକ ଇଣ୍ଡିଗୋ କାର (ଏପି୩୧ ଏଏଚ୍ ୯୬୮୧)ରୁ ଗଞ୍ଜେଇ ଜବତ କରିଛି। ଏହି ଗାଡ଼ିକୁ ପାଇଲଟିଂ କରୁଥିବା ଏକ ବୋଲେରୋ (ଓଆର୍୦୫ ଏକ୍ସ ୦୩୯୬)କୁ ମଧ ଜବତ କରିଛି। ଚାଲାଣରେ ସମ୍ପୃକ୍ତ ଥିବା ୭ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କ ବିରୋଧରେ ଏନ୍ଡିପିଏସ୍ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଛକୁଣ୍ଡ ଥାନା ଖିଂମୁଙ୍ଗ ଗ୍ରାମର ଗୋପାଳ ପାଙ୍ଗି (୩୦), ଘେନୁ ମୁଦୁଲି (୨୨), ହୀରାନା ଖେମୁଣ୍ଡୁ (୪୮), ରାଜୁ ମୁଦୁଲି (୩୫), କମୁ ପାଙ୍ଗି (୩୮) ଓ ପାଡୁଆ ଥାନା ବାଲଡା ଗ୍ରାମର ପ୍ରଶାନ୍ତ ଶିଶା (୨୧), ପି. ବାଲାଜୀ। ତହସିଲଦାର ସୀମାଞ୍ଚଳ ପାତ୍ରଙ୍କ ଉପସ୍ଥିତିରେ ଓଜନ କରାଯିବା ପରେ ୭୭ କେଜି ୯୫୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଯାଞ୍ଚ ବେଳେ ଏସ୍ଆଇ ବିଘ୍ନରାଜ ଭତରା, ଏଏସ୍ଆଇ ଯାମିନୀକାନ୍ତ ପ୍ରଧାନ, ଦୀପକ ନାୟକ ସାମିଲ ଥିଲେ। ଜବତ ହୋଇଥିବା ଗଞ୍ଜେଇ ଆନ୍ଧ୍ରର ବୋରେଇ ଅଞ୍ଚଳରୁ ବିହାରକୁ ଚାଲାଣ କରାଯାଉଥିଲା ବୋଲି ତଦନ୍ତ ଅଧିକାରୀ ଏସ୍ଆଇ ଜଳନ୍ଧର ସେଠୀ କହିଛନ୍ତି।

# ମକାକ୍ଷେତରେ ଗୋବାପୋକ ଆତଙ୍କ

## ୫ ହଜାର ହେକ୍ଟର ଫସଲ ନଷ୍ଟ ହେବା ଆଶଙ୍କା

ଜୟପୁର,୧୦।୮(ନି.ପ୍ର.)

କୋରାପୁଟ ଜିଲାର ହଜାର ହଜାର ହେକ୍ଟର ଜମିରେ ଗୋବାକଟା ପୋକ ଲାଗି ମକା ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସପ୍ତାହେ ତଳୁ ଏହି ପୋକର ଆତଙ୍କ ଖେଳିଗଲାଣି। ଏହାକୁ ନେଇ ଚାଷୀ ଆତଙ୍କିତ ଥିବାବେଳେ କୃଷି ବିଭାଗର ଅଧିକାରୀ କିମ୍ବା କର୍ମଚାରୀଙ୍କ ଦେଖା ନାହିଁ।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ଖରିଫ ଋତୁରେ କୋରାପୁଟ ଜିଲାର ୨୧ ହଜାର ୧୦୦ ହେକ୍ଟର ଜମିରେ ମକା ଚାଷ କରାଯାଇଛି। କିନ୍ତୁ ଏଥିରୁ ପାଖାପାଖି ୫ ହଜାର ମକାକ୍ଷେତ ଏବେ ପୋକ ପ୍ରଭାବିତ ହୋଇ ନଷ୍ଟ ହେବାକୁ ବସିଛି । ଏହି ପୋକ ଲାଗିବା ଦ୍ୱାରା କାଣ୍ଡ ପୋଲା ହୋଇଯିବା ସହ ପତ୍ର ସବୁ କଣା ହୋଇ ଗଛ ମରିଯାଉଛି। ଗଛ ଏବେ ସାଢ଼େ ୩ ଫୁଟର ହୋଇଥିବା ପୋକର ପ୍ରାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇଲାଣି। କୁନ୍ଦୁରା ବ୍ଲକର ଲିମା, ବାଗଦେରି, ପାଖନାଗୁଡ଼ା, ବୈପାରିଗୁଡ଼ା, ବୋରିଗୁମ୍ମା ଅଞ୍ଚଳରେ ଏହି ପୋକ ଆତଙ୍କ ଖେଳାଇଦେଇଛି । ଏନେଇ ଲିମା ଅଞ୍ଚଳର ଚାଷୀ ଭାସ୍କର ବିଷୋୟୀ କହିଛନ୍ତି, ସେ ୮ ଏକର ଜମିରେ ମକା ଚାଷ କରିଥିବା ବେଳେ ଗଛରେ ଗୋବା ପୋକ ଲାଗିଛି। ଏନେଇ ସେ ବ୍ଲକ ପ୍ରଶାସନ ସହ କୃଷି ଅଧିକାରୀଙ୍କ ପାଖକୁ ବାରମ୍ବାର ଯାଇ ନିରାଶ ହେବା ପରେ ଶନିବାର ନିଜେ କୀଟନାଶକ ଆଣି କ୍ଷେତରେ ପକାଇଛନ୍ତି। ଅନ୍ୟ ଜଣେ ଚାଷୀ କହିଛନ୍ତି, ଔଷଧ ପକାଇଲେ ମଧ ତାହା କାମ କରୁନାହିଁ। ପୂର୍ବରୁ କେବେ ମକାଚାଷରେ ଏହି ପୋକ ଲାଗି ନଥିଲା। ସେଥିପାଇଁ ଏ ବର୍ଷ ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। କିଛିଦିନ ଧରି ଲଗାଣ ବର୍ଷାରେ କୋରାପୁଟ ଜିଲାର ୨୫ ଶହ ହେକ୍ଟର ଜମିରେ ବର୍ଷାପାଣି ଜମି ରହିବା ଯୋଗୁ ଧାନଚାଷ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଏପଟେ ମକାଚାଷ ପ୍ରଭାବିତ ହେବା ପରେ କୃଷି ବିଭାଗ ତୁରନ୍ତ ସ୍ଥିତି ଅନୁଧ୍ୟାନ ଓ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି। ଏନେଇ ଜିଲା କୃଷି ଉପ ନିର୍ଦ୍ଦେଶକ ପ୍ରଦୀପ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ କିଛି ସୂଚନା ଆସିନାହିଁ । ପୋକ ଲାଗିଥିବା ଅଞ୍ଚଳର ରିପୋର୍ଟ ମଗାଯାଇ ପଦକ୍ଷେପ ନିଆଯିବ।



ଗୋବା ପୋକ ଲାଗି ମକା ଗଛ ନଷ୍ଟ ହେଉଛି ।

### କାନ୍ଥ ପଡ଼ି ଶ୍ରମିକ ମୃତ
### ପରିବାରକୁ ଆର୍ଥିକ ସହାୟତା

କୋରାପୁଟ,୧୦।୮(ସ୍ୱ.ପ୍ର.): କୋରାପୁଟ ଟାଉନ ଥାନା ଅଧୀନ ସହରର ସୁନାପୁର ଅଞ୍ଚଳରେ ଶୁକ୍ରବାର ଏକ ଗୃହ ନିର୍ମାଣ ପାଇଁ ମୂଳଦୁଆ ଖୋଳା ଚାଲିଥିବା ବେଳେ ପାର୍ଶ୍ୱକାନ୍ଥ ଭୁଶୁଡି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଶନିବାର ମୃତକଙ୍କ ପରିବାରକୁ ପ୍ରଶାସନ ଜିଲା ରେଡକ୍ରସ ପାଣ୍ଠିରୁ ୫୦୦୦ ଟଙ୍କା ସହ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପାଇଁ ୨ ହଜାର ଟଙ୍କା ପ୍ରଦାନ କରିଛି। ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏହି ସହାୟତା ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସୁନାପୁରର ଯମୁନା ଖରାଙ୍କ ଗୃହ ନିର୍ମାଣ ପାଇଁ ଶୁକ୍ରବାର ମଧ୍ୟାହ୍ନରେ ୪ ଜଣ ଶ୍ରମିକ ମୂଳଦୁଆ ପାଇଁ ମାଟି ଖୋଳୁଥିଲେ। ଏହି ସମୟରେ ପାର୍ଶ୍ୱରେ ଥିବା ଏକ ଗୃହର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଶ୍ରମିକ ଦିନ ହନ୍ତାଳ (୩୦) କାନ୍ଥ ତଳେ ରହିଯାଇଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ଘର କୋରାପୁଟ ବ୍ଲକ ମୋହନପଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି। ଖବର ପାଇ କୋରାପୁଟ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାନ୍ଥ ତଳେ ଥିବା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବାସୁଦେବ ଛତ୍ରିଆ କହିଛନ୍ତି।

# ନିଖୋଜ ବିଦେଶୀ ପର୍ଯ୍ୟଟକ ଉଦ୍ଧାର

## ଏଭଳି କାର୍ଯ୍ୟ ପାଇଁ କୋରାପୁଟ ପୋଲିସ ପ୍ରଶଂସିତ

କୋରାପୁଟ,୧୦।୮(ସ୍ୱ.ପ୍ର.)

କୋରାପୁଟ ଜିଲାରେ କିଛି ଦିନ ଧରି ପ୍ରବଳ ବର୍ଷା ଲାଗି ରହିଥିଲା। ଏହି ସମୟରେ ମାଛକୁଣ୍ଡ ଅଞ୍ଚଳକୁ ବୁଲିଆସିଥିବା ଜଣେ ବିଦେଶୀ ପର୍ଯ୍ୟଟକଙ୍କୁ କୋରାପୁଟ ପୋଲିସ ଉଦ୍ଧାର କରି ଲଣ୍ଡନ ପଠାଇଛି। ପୋଲିସର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏସ୍‌ପି କନୱର ବିଶାଳ ସିଂ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସୁଦୂର ଲଣ୍ଡନରୁ ମଙ୍ଗଳବାର ମାଛକୁଣ୍ଡର ଡୁଡୁମା ଅଞ୍ଚଳକୁ ବୁଲିଆସିଥିବା ଅନନ୍ତ କୁମାର (୭୦) ପ୍ରବଳ ବର୍ଷା ବେଳେ ନିଖୋଜ ହୋଇଯାଇଥିଲେ। ଲଣ୍ଡନରେ ଥିବା ତାଙ୍କ ଝିଅ ସୁଚିସ୍ମିତା କୋରାପୁଟ ଏସ୍‌ପିଙ୍କ ସହ ଯୋଗାଯୋଗ କରିବା ପରେ ତାଙ୍କୁ ଖୋଜିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ସ୍ଥାନୀୟ ମାଛକୁଣ୍ଡ ଥାନାକୁ ଖବର ଦିଆଯିବା ପରେ ସେଠାକାର ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ଫଳରେ ଅନନ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିଥିଲା। ଉଦ୍ଧାର ପରେ ପରିବାର ସହ ତାଙ୍କୁ ଲଣ୍ଡନ ପଠାଯାଇଥିବା ଶୁକ୍ରବାର ଏସ୍‌ପି ସୂଚନା ଦେଇଛନ୍ତି।

## ହାଲ୍ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ୨ ଜଣଙ୍କୁ ପଚରାଉଚୁରା କଲା ପୋଲିସ

ସେମିଳିଗୁଡ଼ା,୧୦।୮(ସ୍ୱ.ପ୍ର.)

ସୁନାବେଡ଼ା ସ୍ଥିତ ହାଲ୍ କାରଖାନାର ସୁଖୋଇ-୩୦ ଇଞ୍ଜିନ ବିଭାଗର ରିଗ୍ ଶପ୍‌ରେ କମ୍ପ୍ରେସର ଫାଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ସେଠାରେ ଅନ୍ୟ କର୍ମଚାରୀ ମଧ କାମ କରୁଥିଲେ । ସେମାନେ କାରଖାନା ଭିତରେ ୩ଟା ଯାଏ କାମ କରିବା ସମୟ ରହିଛି, କିନ୍ତୁ ଶପ୍‌ର ସୁପରଭାଇଜର ଓ ସିନିୟର ଅଧିକାରୀ ସେମାନଙ୍କୁ ଆଉ ଏକ ଘଣ୍ଟା କାମ କରିବାକୁ କହିଥିଲେ। ଫଳସ୍ୱରୂପ ଏଭଳି ଘଟଣା ଘଟିବା ଘଟିଲା ବୋଲି ଠିକା ଶ୍ରମିକମାନେ ଅଭିଯୋଗ କରି ଶପ୍‌ର ସୁପରଭାଇଜର ଓ ସିନିୟର ଅଧିକାରୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ସୁନାବେଡ଼ା ପୋଲିସ ଶନିବାର ଶପ୍‌ର ସୁପରଭାଇଜର ଓ ସିନିୟର ଅଧିକାରୀଙ୍କୁ ଡାକି ପଚରାଉଚୁରା କରିଛି। ଏବେ ସେମାନଙ୍କୁ ଗିରଫ କରାଯିବା ସମ୍ଭବ ନୁହେଁ ବୋଲି ଏସ୍‌ଡିପିଓ ନିରଞ୍ଜନ ବେହେରା କହିଥିଲେ।

# ମେଡିକାଲ କଲେଜରେ ଡିଜିଟାଲ ବୋର୍ଡ ଉଦ୍‌ଘାଟିତ

କୋରାପୁଟ,୧୦।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ସମ୍ମୁଖରେ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଡିଜିଟାଲ ବୋର୍ଡ ଉଦ୍‌ଘାଟିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହାକୁ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୧୫ ଲକ୍ଷ ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ବୋର୍ଡ ମାଧ୍ୟମରେ ରାଜ୍ୟ ସରକାର ଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସହାୟତା ଓ ରୋଗ ନିରାକରଣ ସମ୍ପର୍କିତ ସଚେତନତା ପାଇଁ ଲକ୍ଷ୍ୟ ରଖାଯାଇଛି। ଶୁଭାରମ୍ଭରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ହରେକୃଷ୍ଣ ଦଳେଇ, ମେଡିକାଲ କଲେଜ ପ୍ରଶାସିକା ମଧୁମିତା ନାୟକ, ଡାକ୍ତର ରାମଚନ୍ଦ୍ର ସେଠୀ, ଡାକ୍ତର କେଶବ ଦାସ, ଡାକ୍ତର ଶିବ ପ୍ରସାଦ କର, ଡାକ୍ତର କୁମାର ସ୍ୱାମୀ, ହସ୍‌ପିଟାଲ ମ୍ୟାନେଜର ଶୁଭେନ୍ଦୁ ପଣ୍ଡା ଉପସ୍ଥିତ ଥିଲେ।



କୋରାପୁଟ ମେଡ଼ିକାଲ କଲେଜରେ ଡିଜିଟାଲ ବୋର୍ଡ ଉଦ୍‌ଘାଟନ କରାଯାଉଛି ।

କୋରାପୁଟ ବନ ବିଭାଗର ପ୍ରୟାସ

# ଦୁର୍ଲଭ ଔଷଧୀୟ ବୃକ୍ଷ, ଗୁଳ୍ମର ସଂରକ୍ଷଣ କରୁଛି 'ସମ୍ପର୍କ ବନ'

**ଅମିତାଭ ବେହେରା**
**କୋରାପୁଟ,୧୦।୮**

ଜଙ୍ଗଲ ପାହାଡ଼ଘେରା କୋରାପୁଟରେ ରହିଛି ବହୁ ଦୁର୍ଲଭ ଔଷଧୀୟ ବୃକ୍ଷଲତା। ଅନେକ ପ୍ରକାର ରୋଗବ୍ୟାଧିରୁ ରକ୍ଷା କରିବାର ଗୁଣ ଧରି ରଖିଥିବା ଏହିସବୁ ଔଷଧୀୟ ବୃକ୍ଷ କିନ୍ତୁ ଏବେ ଦ୍ରୁତଗତିରେ ବିଲୁପ୍ତ ହେବାକୁ ବସିଛି। ତେଣୁ ଏହାର ସଂରକ୍ଷଣ ପାଇଁ ଅଭିନବ ପ୍ରୟାସ କରିଛି କୋରାପୁଟ ବନ ବିଭାଗ। ଏଭଳି ବୃକ୍ଷର ସଂରକ୍ଷଣ ସହ ତାର ଗୁଣ ସଂପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ବନ ବିଭାଗ ପ୍ରତିଷ୍ଠା କରିଛି 'ସମ୍ପର୍କ ବନ'।

୨୦୧୭ରେ ସ୍ଥାନୀୟ ଓଏମ୍‌ପିସ୍ଥିତ ହନୁମାନ ମନ୍ଦିର ନିକଟରେ ପ୍ରାୟ ୧ ହେକ୍ଟର ଜମିରେ ପ୍ରତିଷ୍ଠା ପାଇଥିଲା ସମ୍ପର୍କ ବନ। ଏଠାରେ ଶତାଧିକ ଔଷଧୀୟ ବୃକ୍ଷ ଓ ଗୁଳ୍ମକୁ ସଂରକ୍ଷଣ କରିବାର ପ୍ରୟାସ କରିଛି ବନ ବିଭାଗ ଯେଉଁଥିରେ ପ୍ରାୟ ୬୦ ପ୍ରକାରର କୋଚିଲାଖାଇ, ଗଙ୍ଗଶିଉଳି, ରୁଦ୍ରାକ୍ଷ, ପିପ୍ପଳି, ଗୁଡମାରୀ, ବିଶଲ୍ୟକରଣୀ, ନିମ୍ବ, ଅଁଳା, ଅଶୋକା, ବ୍ରାହ୍ମୀ, ପାତାଳ ଗରୁଡ଼ ଭଳି ୨ହଜାରରୁ ଊର୍ଦ୍ଧ୍ୱ ଦୁର୍ଲଭ ଔଷଧୀୟ ବୃକ୍ଷ ରହିଛି। ସେହିପରି ଏହି ସ୍ଥାନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗ୍ରହ ନକ୍ଷତ୍ର, ସମସ୍ତ ପାରମ୍ପରିକ ଔଷଧୀୟ ଗୁଳ୍ମ ସମେତ ପିଲାଙ୍କ ପାଇଁ ବାଘ, ହରିଣ, ହାତୀ, ରାଜହଂସ ଭଳି ପଶୁପକ୍ଷୀଙ୍କ ପ୍ରତିକୃତି ତିଆରି କରାଯାଇଛି। ସେହିପରି ଛୋଟରୁ ବଡ ବୟସ୍କ ପିଲାଙ୍କ ପାଇଁ ରହିଛି ଏକ ଅପନ ଜିମ କରାଯାଇଛି । ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ବନ ବିଭାଗ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ନିକଟରେ ଥିବା ପାଟଦେବୀ ଡଙ୍ଗରରେ ଏକ ସୁଗନ୍ଧିତ ଉଦ୍ୟାନ କରାଯାଇ ସେଠାରେ ମଧ ୧୨୭ ପ୍ରକାରର ବିଭିନ୍ନ ଔଷଧୀୟ ବୃକ୍ଷମାନ ଲଗାଯାଇଛି । କେବଳ ସେତିକି ନୁହେଁ, ଏହି ସମ୍ପର୍କ ବନ ଭଳି କୋରାପୁଟ ରେଞ୍ଜ କାର୍ଯ୍ୟାଳୟ, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଏପରି ଔଷଧୀୟ ବୃକ୍ଷ ଓ ଗୁଳ୍ମମାନ ରୋପଣ କରାଯାଉଛି ବୋଲି କୋରାପୁଟ ବନାଞ୍ଚଳ ରେଞ୍ଜର ସୁବାସ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି।



କୋରାପୁଟ ମେଡ଼ିକାଲ କଲେଜସ୍ଥିତ ପାଟଦେବୀ ଡଙ୍ଗରରେ ଔଷଧୀୟ ବୃକ୍ଷ ଲଗାଯାଇଛି ।



ଓଏମ୍‌ପିସ୍ଥିତ ହନୁମାନ ମନ୍ଦିର ନିକଟରେ ପ୍ରତିଷ୍ଠା ହୋଇଥିବା 'ସମ୍ପର୍କ ବନ' ।

# ଜିଲ୍ଲାରେ ଉତ୍କଟ ରୂପ ଧାରଣ କରିଛି ଅପପୁଷ୍ଟି

ମାଲକାନଗିରି,୧୦।୮ (ଡି.ଏନ୍.ଏ.)

ବିଭିନ୍ନ ଗ୍ରାମରେ ପୁଷ୍ଟିକର ବଗିଚା ନିର୍ମାଣ ମାଲକାନଗିରି ଜିଲାରେ ଶିଶୁ ଓ ମାତୃ ମୃତ୍ୟୁହାର ବୃଦ୍ଧି ପାଉଥିବା ୨୦୧୭ରେ ପ୍ରମାଣ ଦେଇଥିଲା ଦୁର୍ବଳ ଶିଶୁମାନଙ୍କୁ ଜାପାନିସ୍‌ଏନ୍ ସେଫାଲାଇଟିସ୍ ରୋଗ । ଏହି ରୋଗରେ ୩୦୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ଦୁଇ ସପ୍ତାହ ମଧ୍ୟରେ ମୃତ୍ୟୁ ଘଟିଥିଲା। ପରେ ରାଜ୍ୟ ଏବଂ କେନ୍ଦ୍ର ସରକାର ମାଲକାନଗିରି ଜିଲାରେ ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ଏବଂ ଅପପୁଷ୍ଟି ଦୂର କରିବା ପାଇଁ ଅନେକ ଯୋଜନା କରିଥିଲେ। ଏବାବଦରେ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ୦ ରୁ ୫ ବର୍ଷ ବୟସର ଶିଶୁମାନଙ୍କ ପାଇଁ ପୁଷ୍ଟିକର ଛତୁଆ, ରାଶିଲଡୁ, ଅଣ୍ଡା ଏବଂ

**ସରକାରୀ ଯୋଜନା ବିଫଳ**



■ବାଟମାରଣା ହେଉଛି ସୁଷମ ଖାଦ୍ୟ ବ୍ୟବସ୍ଥା

■୭ ବ୍ଲକରେ ୭୧୦ ଶିଶୁ ଅପପୁଷ୍ଟର ଶିକାର

ସୁଷମ ଖାଦ୍ୟ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହା ବାଟମାରଣା ହେଉଛି। ପ୍ରାୟ ୮୦ ପ୍ରତିଶତ ଶିଶୁ ଛତୁଆ ଖାଉ ନ ଥିବା ଏବଂ ରାଶି ଲଡୁ ଦେଖି ନ ଥିବା ସେହି ଅଞ୍ଚଳର ଲୋକେ କହିଛନ୍ତି। ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲାର ୭ଟି ବ୍ଲକରେ ଜୁନ୍ ୨୦୧୯ ସୁଦ୍ଧା ପ୍ରାୟ ୭୪୨୧୦ ଜଣ ଶିଶୁ ରହିଛନ୍ତି। ସେଥିରୁ ୭୧୦ ଜଣ ଶିଶୁ ସମ୍ପୂର୍ଣ୍ଣ ଅପପୁଷ୍ଟିର ଶିକାର ହୋଇଛନ୍ତି। କାଲିମେଳାରେ ୧୦୫, ଖଇରପୁଟରେ ୧୬୦, କୋରୁକୋଣ୍ଡା ୧୪୬, କୁଡୁମୁଲୁଗୁମ୍ମା ୧୧୧, ମାଲକାନଗିରି ୧୨୩, ମାଥିଲି ୯୪ ଓ ପଡିଆ ବ୍ଲକରେ ୭୧ଜଣ ଶିଶୁ ଅପପୁଷ୍ଟର ଶିକାର ହୋଇଥିବା ଚିହ୍ନଟ କରାଯାଇଛି। ପ୍ରାୟ ୧୫ ହଜାର ଶିଶୁ ଅପପୁଷ୍ଟିରରେ ଥିବା ଜଣାପଡିଛି। ସେଥିମଧ୍ୟରେ କାଲିମେଳାରେ ୨୬୨୧ ଜଣ, ଖଇରପୁଟରେ ୭୯୯, କୋରୁକୋଣ୍ଡାରେ ୩୧୩୩, କୁଡୁମୁଲୁଗୁମ୍ମାରେ ୨୨୨୭, ମାଲକାନଗିରିରେ ୧୯୨୮,ମାଥିଲିରେ ୩୨୪୪, ପଡିଆ ବ୍ଲକରେ ୧୪୫୫ ଶିଶୁଙ୍କୁ ଚିହ୍ନଟ କରାଯାଇଛି। ତେବେ ସରକାରୀ ଭାବେ ୨୨.୩୭ ପ୍ରତିଶତ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା କୁହାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ ବିଭିନ୍ନ ଗ୍ରାମରେ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପୁଷ୍ଟିକର ବଗିଚା ନିର୍ମାଣ ନେଇ ପଦକ୍ଷେପ ନିଆଯାଇଛି। ଅପପୁଷ୍ଟିର ଶିକାର ହୋଇଥିବା ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ସୁଷମ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ତାଙ୍କ ବାଡି ବଗିଚାରେ ପନିପରିବା ଚାଷ ପାଇଁ ସହାୟତା ପ୍ରଦାନ କରାଯାଇଛି ବୋଲି ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବାଲାଜୀ ପଟ୍ଟନାୟକ କହିଛନ୍ତି।

## ବନ୍ୟା ସ୍ଥିତିରେ ସୁଧାର: ଯୋଗାଯୋଗ ସ୍ୱାଭାବିକ

■୨୩୩ ହେକ୍ଟର ଚାଷ ଜମିରେ ବାଲିଚର ମାଡିଯାଇଛି

■ ୫୬୦ଟି କଚ୍ଚା ଘର ଆଶିଂକ କ୍ଷତି

■୪୭ କିମି ରାସ୍ତା, ୩୫କଲଭର୍ଟ କ୍ଷତିଗ୍ରସ୍ତ

ମାଲକାନଗିରି,୧୦।୮(ଡି.ଏନ.ଏ)– ମାଲକାନଗିରି ଜିଲାରେ ଲଗାଣ ବର୍ଷାର ପରିମାଣ ହ୍ରାସ ପରେ ଜନଜୀବନ ସାମାନ୍ୟ ସ୍ୱାଭାବିକ ହୋଇଛି। ସିଲେରୁ ଓ ସାବେରୀ ନଦୀ ଜଳ ନିଷ୍କାସିତ ହେବାରୁ ସ୍ଥିତିରେ ସୁଧାର ଆସିଛି। ଫଳରେ ମୋଟୁର ମୁଗି ପଏଣ୍ଟ ନିକଟସ୍ଥ ମଧୁସୂଦନ ପାର୍କ, ବିନାୟକପୁର, ବାରିବାଂଛା, ଆଲମା ଓ ପେଟା ସହ ପଡ଼ିଆ ବ୍ଲକର କାଲଦାପାଲି, କମାରପାଲି ଓ ବଜଗୁଡ଼ା, ଏମ.ଭି–୬୧ ଗ୍ରାମରୁ ବନ୍ୟା ଜଳ ନିଷ୍କାଷିତ ହୋଇଛି। ଲୋକେ ନିଜ ନିଜ ଘରକୁ ଫେରିଛନ୍ତି। ସାବେରୀ ନଦୀ ଜଳସ୍ତର ହ୍ରାସ ଯୋଗୁ ମାଲକାନଗିରିରଠାରୁ ଛତିଶଗଡ଼ର ସୁକୁମା ସହ ଜଗଦଲପୁର ଓ ଦର୍ନାପାଲ ମଧ୍ୟରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଛି । ଗତ ୨୬ରୁ ୩ ଥର ବନ୍ୟାରେ ଜିଲାର ୫୬୦ଟି କଚ୍ଚା ଘର ଆଂଶିକ କ୍ଷତି ହୋଇଥିବା ବେଳେ ୪୦ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଏହି ବନ୍ୟାରେ ମାଲକାନଗିରି ଓ ମାଥିଲି ବ୍ଲକ ବିଶେଷ କ୍ଷତିଗ୍ରସ୍ତ ହୋଇଛି । ଜିଲାର ମୋଟ ୨୩୩ ହେକ୍ଟର ଚାଷ ଜମିରେ ବାଲିଚର ମାଡିଯାଇଛି। ୨୦ଟି ବ୍ୟକ୍ତିଗତ ପୋଖରୀ ବନ୍ୟା ଜଳରେ ନଷ୍ଟ ହୋଇଛି। ସେହିଭଳି ୧୨ଟି ସ୍ଥାନରେ ଗ୍ରାମ୍ୟ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ମୋଟ ୪୭ କି.ମି ରାସ୍ତା ଓ ୩୫ଟି କଲଭର୍ଟ କ୍ଷତିଗ୍ରସ୍ତ ହୋଇଛି । ତେବେ ବର୍ତ୍ତମାନ ମଧ୍ୟ କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଜାରି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୪୪.୬୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

**ସଂକ୍ଷେପରେ**

## କାଳ ବୈଶାଖୀ ଭାଙ୍ଗିଲା ଘର ଚର୍ଚ୍ଚ ପିଣ୍ଡା ପାଲଟିଛି ଆଶ୍ରୟସ୍ଥଳ



**କୋରୁକୋଣ୍ଡା,୧୦।୮ (ଡି.ଏନ.ଏ.)**- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ଗଛପଡି ଘର ଭାଙ୍ଗି ବେଘର ହୋଇଥିବା ଜଣେ ମହିଳା ଦୀର୍ଘ ୩ ମାସ ଧରି ଚର୍ଚ୍ଚ ପିଣ୍ଡାରେ ରହି ଆସୁଛନ୍ତି। ତାଙ୍କ ନାମ ବଡୋଲା କୃଷ୍ଣୋନାମା (୪୦)। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ସେ ପୂର୍ବରୁ କୋରାପୁଟ ଜିଲା ପଟାଙ୍ଗି ଅଞ୍ଚଳରେ ବସବାସ କରି ଆସୁଥିଲେ। ସେଠାରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ କୋରୁକୋଣ୍ଡା ଚାଲିଆସି ନିଜ ସମ୍ପର୍କୀୟଙ୍କ ନିକଟରେ ରହିଥିଲେ। ତାଙ୍କ ସମ୍ପର୍କୀୟ ବ୍ୟକ୍ତି ଜଣକ ବଡୋଲାଙ୍କୁ ରହିବା ପାଇଁ ଘରଟିଏ ଦେଇଥିଲେ। ମାତ୍ର ଗତ ୩ ମାସ ତଳେ ହୋଇଥିବା କାଳ ବୈଶାଖୀରେ ଏକ ଗଛ ପଡି ତାଙ୍କ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସେତେବେଳେ ବଡୋଲା ମଧ ଆହତ ହୋଇଥିଲେ। କାଳ ବୈଶାଖୀରେ ତାଙ୍କ ଘର ଭାଙ୍ଗି ଥିଲେ ମଧ ତାଙ୍କୁ ପ୍ରଶାସନ ପକ୍ଷରୁ କୌଣସି କ୍ଷତିପୂରଣ ମିଳିନାହିଁ। ଭାଙ୍ଗିଯାଇଥିବା ଘରଟି ସଜାଡିବାକୁ ମଧ ତାଙ୍କ ନିକଟରେ ସମ୍ବଳ ନାହିଁ। ସେ ବାଧ ହୋଇ ନିକଟସ୍ଥ ଚର୍ଚ୍ଚ ବାରଣ୍ଡାରେ ବର୍ଷା ଶୀତକାକରରେ ରହୁଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଘରଟିଏ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## କମ୍ ବେଗରେ ଗାଡି ଚଳାଇବା ପାଇଁ ନିର୍ଦ୍ଦେଶ ଜାରି

**ମାଲକାନଗିରି,୧୦।୮(ସ୍ୱ.ପ୍ର.)**- ମାଲକାନଗିରି ଜିଲାରେ ଦ୍ରୁତ ଗାଡି ଚାଳନା ଉପରେ ଜିଲା ପ୍ରଶାସନ ରୋକ ଲଗାଇଛି। ଅନେକ ସମୟରେ ବେପରୁଆ ଗାଡିଚାଳନା ଯୋଗୁ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ଜିଲାପାଳ ମନୀଷ ଅଗ୍ରୱାଲ ଜାତୀୟ ରାଜପଥ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାରେ ଥିବା ସମସ୍ତ ବଜାର ଓ ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ଭାରିଯାନଗୁଡିକ ୨୦କିମି ବେଗରେ ଓ ହାଲୁକା ଯାନ ୩୦ କିମି ବେଗରେ ଚଳାଇବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏ ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅନ୍ୟାନ୍ୟ ବିଭାଗର ଓ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଏହି ନିୟମ ରବିବାରଠାରୁ ଲାଗୁ ହେବ। ଜିଲାପାଳଙ୍କ ଏହି ପଦେକ୍ଷପକୁ ସାଧାରଣରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ ଯେ, ମାଲକାନଗିରି ସହରର ମୁଖ୍ୟ ରାସ୍ତା ଉପରେ ବ୍ୟବସାୟୀମାନେ ରାସ୍ତା ଅବରୋଧ କରି ଭାରିଯାନ ରଖି ସାମ୍ରଗୀ ଲୋଡିଂ ଓ ଅନଲୋଡିଂ କରୁଛନ୍ତି। ଫଳରେ ସାଧାରଣରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି।

## ପ୍ରଧାନଶିକ୍ଷକ, ସିଆରସିସିଙ୍କୁ ନେଇ ସମୀକ୍ଷା ବୈଠକ

**ମାଥିଲି,୧୦।୮**-ଖଇରପୁଟ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଆରସିସିମାନଙ୍କୁ ନେଇ ଚାଲିଥିବା ସମୀକ୍ଷା ବୈଠକ ଶନିବାର ଶେଷ ହୋଇଛି। ପ୍ରଥମ ଦିବସ ୭ରେ ଗୋବିନ୍ଦପାଲ୍ଲି, ମାଡକାପଦର, ବଡଡୁରାଲ, କଦମଗୁଡା କ୍ଲଷ୍ଟରର ପ୍ରଧାନଶିକ୍ଷକ, ୯ରେ ଖଇରପୁଟ, ମୁଦୁଲିପଡା, ଅଣ୍ଡ୍ରାହାଲର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଶନିବାର ଦିନ ଶେଷ ପର୍ଯ୍ୟାୟରେ ରାସବେଡ ଓ ପୋଡାଘାଟା କ୍ଲଷ୍ଟରର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୈଠକ ହୋଇଥିଲା। ଉଜ୍ଜ୍ୱଳ ଓ ଉତ୍‌ଥାନ କାର୍ଯ୍ୟକ୍ରମକୁ ସଫଳ କରିବା, ଛାତ୍ରୀଛାତ୍ରଙ୍କୁ ସବୁକ୍ଷେତ୍ରରେ ଦକ୍ଷ କରିବା, ଗଣିତ, ଇଂଲିଶ ଓ ବିଜ୍ଞାନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟଗୁଡିକର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟଗୁଡିକରେ ବର୍ଷା ହେଲେ ଛାତରୁ ପାଣି ଗଳିବା, ଅନେକ ବିଦ୍ୟାଳୟରେ ପାନୀୟଜଳ ସୁବିଧା ନ ଥିବା ନେଇ ଆଲୋଚନା କରାଯାଇଥିଲା। ବିଇଓ ଶଶିଭୂଷଣ ମିଶ୍ର ଶୈକ୍ଷିକ ସ୍ଥିତିର ଉନ୍ନତି ସହ ଟିମଓ୍ୱାର୍କ ମାଧମରେ ଆମ ବ୍ଲକକୁ ଉଚ୍ଚସ୍ତରକୁ ନେବାକୁ ଆହ୍ୱାନ ଦେଇଥିଲେ।

## ବନ୍ୟାଞ୍ଚଳ ବୁଲିଲେ ଜନସ୍ୱାସ୍ଥ୍ୟ ଅଧିକାରୀ



କାଲିମେଳା ଗସ୍ତରେ ଆସିଥିବା ଜନସ୍ୱାସ୍ଥ୍ୟ ବିଭାଗର ଟିମ୍ ।

**କାଲିମେଳା,୧୦।୮(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ଓ ପଡିଆ ବ୍ଲକରେ ଗତ ୧୫ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବାରୁ ୩ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବନ୍ୟାଜଳ ମାଡିଥିବା ଅଞ୍ଚଳ ଅନୁଧ୍ୟାନ କରିବା ଲାଗି ଶନିବାର ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ୨ ଅଧିକାରୀ କାଲିମେଳା ଏବଂ ପଡିଆ ବ୍ଲକ ଗସ୍ତ କରି ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ଉପ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ଶକ୍ତି ପ୍ରସାଦ ପାଢୀ, ଡା. ଜୀବନ ବଲ୍ଲଭ ଷଡଙ୍ଗୀ ଆସିଥିଲେ। ସେମାନଙ୍କ ସହ ମାଲକାନଗିରି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହନ୍ତ ଥିଲେ। କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା, ପୋଟେରୁ, କାଲିମେଳା,ଏମଭି–୯୦,ଏମଭି–୯୬,ଏମଭି–୭.ମୋଟୁ ସହ ପଡିଆ ବ୍ଲକର ସିମିଲିବାଞ୍ଛା,କାଲଦାପାଲି ଆଦି ସ୍ଥାନ ବୁଲି ଦେଖିବା ସହ ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ବନ୍ୟା ଛାଡିଯିବା ପରେ ଏହି ସବୁ ଅଞ୍ଚଳରେ ସଂକ୍ରାମକ ରୋଗ ଡାଇରିଆ,ମ୍ୟାଲେରିଆ, ଥଣ୍ଡା ଜ୍ୱର ବ୍ୟାପିବାର ସମ୍ଭାବନା ରହିଥାଏ । ଏହା ଯେପରି ନବ୍ୟାପେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ପରେ ଏହି ଅଧିକାରୀମାନେ ପଡିଆ, ମୋଟୁ ମେଡିକାଲ ଯାଇ ମେଡିକାଲରେ ମିଳୁଥିବା ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ । ମେଡିକାଲରେ ଡାକ୍ତର ଅଛନ୍ତି କି ନାହିଁ ଜରୁରିକାଳୀନ ପରିସ୍ଥିତିରେ କଣ ସୁବିଧା ରହିଛି ପଚାରିଥିଲେ । ବିଭିନ୍ନ ଗ୍ରାମରେ ବୁଲୁଥିବା ମୋବାଇଲ ହେଲଥ ୟୁନିଟ କିଭଳି କାର୍ଯ୍ୟ କରୁଛି ତାହାର ତଦାରଖ କରିଥିଲେ । ପରେ କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ବିଭିନ୍ନ ୱାଡ ବୁଲି ଦେଖିବା ସହିତ ରୋଗିମାନଙ୍କୁ ଚିକିତ୍ସା ସମ୍ପର୍କରେ ପଚାରିଥିଲେ। ପିଏଚସିଓ ଚୁଡାମଣି ମଣ୍ଡଳଙ୍କ ସହ କର୍ମଚାରୀମାନେ ସହଯୋଗ କରିଥିଲେ।

## ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**କାଲିମେଳା,୧୦।୮(ଡି.ଏନ.ଏ)**

କାଲିମେଳା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଅଗଷ୍ଟ ୯ କ୍ରାନ୍ତି ଦିବସ ତଥା ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକ ଉପଲକ୍ଷେ ଶୁକ୍ରବାର ଏକ ରକ୍ତଦାନ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଯୋଜନା (ଏନଏସଏସ) ଓ ଯୁବ ରେଡକ୍ରସର ମିଳିତ ଉଦ୍ୟମରେ ଏହି ଶିବିର ହୋଇଥିଲା। ଶିବିରରେ ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୋଟ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଜିଲା ଯୁବ ରେଡକ୍ରସ କୋର୍ଡିନେଟର ଆଶିଷ ରାଠୁର,ଥାନା ଅଧିକାରୀ ଚନ୍ଦ୍ର ଶେଖର ଶବର, ଅଧକ୍ଷ ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଏନଏସଏସର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅଧ୍ୟାପକ ଡ. ପଦ୍ମ ଲୋଚନ ରାଉତ ଓ ରେଡକ୍ରସର ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସଆଇ ଶମ୍ଭୁନାଥ ଦଳବେହେରା,ପଡିଆ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର,ଅଧ୍ୟାପକ ରାମକୃଷ୍ଣ ଭଞ୍ଜ, ଅଧ୍ୟାପିକା ଶିବାନୀ ମାହାରଣା, କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ପ୍ରକାଶ ମିଶ୍ର, ହିଂମାଂଶୁ ଶେଖର ବୈଦ୍ୟ, ଗ୍ରନ୍ଥାଗାରିକ ଉମାଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାଲକାନଗିରି ବ୍ଲଡବ୍ୟାଙ୍କର ଟେକନିସିଆନ ସୁଜଲ ରାୟ, ମୋହନ ଖେମୁଣ୍ଡୁ, ସନ୍ତୋଷ ଚୌଧୁରୀ ରକ୍ତ ସଂଗ୍ରହ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଅମର ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ୨୦୧୬ରୁ ହୋଇଆସୁଛି ।




## ଛତିଶଗଡ ଟେଲିଫୋନ ବ୍ୟବସ୍ଥାରେ ଚାଲିଛି ମୋଟୁ ତହସିଲ କାର୍ଯ୍ୟ

**ମାଲକାନଗିରି,୧୦।୮ (ଡି.ଏନ୍.ଏ.)**

ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲାରେ ଟେଲିଫୋନ ସେବା ଏକପ୍ରକାର ନାହିଁ। ଜିଲାର ୬ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହି ସେବାରୁ ବଞ୍ଚିତ ହେଉଛନ୍ତି। କେବଳ ଗ୍ରାମବାସୀ ନୁହନ୍ତି ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଟେଲିଫୋନ୍ ସେବା ଓ ଇଣ୍ଟରନେଟ ସୁବିଧା ନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର, ଜମିଜମା ସଂକ୍ରାନ୍ତୀୟ ଦଲିଲ ଆଦି କାର୍ଯ୍ୟରେ ବାଧା ଉପୁଜୁଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲାର ଶେଷ ସୀମାନ୍ତ ଛତିଶଗଡ ଏବଂ ଆନ୍ଧ୍ରକୁ ଲାଗି ରହିଥିବା ମୋଟୁ ତହସିଲ କାର୍ଯ୍ୟାଳୟରେ । ମୋଟୁଠାରେ ତହସିଲ କାର୍ଯ୍ୟାଳୟ ସାବେରୀ ନଦୀ କୂଳରେ ଚାଲିଛି। ଏକ ପୋଲ ଉପରେ ବସି ତହସିଲ କର୍ମଚାରୀ ଓ ତହସିଲଦାର ସମସ୍ତ ସରକାରୀ କାର୍ଯ୍ୟ କରୁଛନ୍ତି। କାରଣ ମୋଟୁଠାରୁ ମାତ୍ର ୫ କିଲୋମିଟର ଦୂରରେ ଛତିଶଗଡ ସରକାରଙ୍କ ପକ୍ଷରୁ ଜିଓ ଏବଂ ଅନ୍ୟ ନେଟୱାର୍କ କମ୍ପାନୀ କାମ କରୁଛି। ଇଣ୍ଟରନେଟ ସେବା ପାଇଁ ନଦୀକୂଳରେ ବସି ତହସିଲ କାର୍ଯ୍ୟ



ପୋଲ ଉପରେ ବସି କର୍ମଚାରୀମାନେ ତହସିଲ କାର୍ଯ୍ୟ କରୁଛନ୍ତି ।

■ସାବେରୀ ନଦୀ କୂଳରେ ରହିଛି ତହସିଲ କାର୍ଯ୍ୟାଳୟ

■ ଏକ ପୋଲ ଉପରେ ବସି କାର୍ଯ୍ୟ କରୁଛନ୍ତି କର୍ମଚାରୀ

■ ବିଏସଏନଏଲ ଟାୱାର ଥାଇ ନ ଥିବା ପରି

କରାଯାଉଛି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ପ୍ରମାଣପତ୍ର, ଜମିପଟ୍ଟାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଇଣ୍ଟରନେଟରେ ହେଉଛି। ମୋଟୁଠାରେ ଓଡିଶା ଟେଲିଫୋନ ସେବା କିମ୍ବା ଇଣ୍ଟରନେଟ ସେବା କାମ କରୁନାହିଁ। ନଦୀକୂଳରେ ଥିବା ସିମେଣ୍ଟ ବେଞ୍ଚରେ ବସି କାର୍ଯ୍ୟ କଲେ ଛତିଶଗଡର ନେଟୱାର୍କ ପାଇବା ସୁବିଧା ହେଉଛି। ଲାପଟପ୍‌ରେ ଡଙ୍ଗଲ ଲଗାଇ କାର୍ଯ୍ୟ ହେଉଛି। ତେବେ ମାଓବାଦୀମାନେ ବିଭିନ୍ନ ସମୟରେ ଟେଲିଫୋନ ଟାୱାରକୁ ବିସ୍ଫୋରଣ କରି ଉଡାଇ ଦେଉଥିବାରୁ କୌଣସି ମୋବାଇଲ କମ୍ପାନୀ ମାଲକାନଗିରି ଜିଲାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେବେ ପୋଲିସ ସହାୟତାରେ ବିଭିନ୍ନ ଥାନା ପରିସରରେ ବିଏସଏନଏଲ ଟାୱାର ଥିଲେ ସୁଦ୍ଧା ତାହା ଅଧାଦିନ କାର୍ଯ୍ୟ କରୁନାହିଁ।

## ମନ୍ତ୍ରୀ, ବିଧାୟକଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ପରିଦର୍ଶନ

**ପାଣ୍ଡ୍ରିପାଣି, ୧୦।୮(ଡି.ଏନ.ଏ.)**

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମାଲକାନଗିରି ଜିଲାରେ ଥିବା କଲ୍ୟାଣ ବିଭାଗର ବିଭିନ୍ନ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟଗୁଡିକ ପରିଦର୍ଶନ କରିଛନ୍ତି। ଉଭୟେ ଗୋବିନ୍ଦପାଲ୍ଲି, ମାଥିଲି, ପାଙ୍ଗାମସ୍ଥିତ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ଉଭୟେ ପାଣ୍ଡ୍ରିପାଣିସ୍ଥିତ ବିଦ୍ୟାଳୟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ଥିଲେ ମଧ ଶେଷରେ ତାହା ବାତିଲ ହୋଇଛି। ଉଭୟେ ପାଙ୍ଗାମ ଠାରୁ ଗଙ୍ଗଲା ଦେଇ କୁଡୁମୁଲୁଗୁମ୍ମା ଚାଲି ଯାଇଥିଲେ।

## ଚାଇଲ୍ଡ ଲାଇନ୍ ପକ୍ଷରୁ ୧୦ ଶିଶୁ ଶ୍ରମିକ ଉଦ୍ଧାର

**ମାଲକାନଗିରି,୧୦।୮ (ଡି.ଏନ୍.ଏ.)**

ଶନିବାର ମାଲକାନଗିରି ଜିଲା ସଦର ମହକୁମାରୁ ୧୦ ଜଣ ଶିଶୁ ଶ୍ରମିକଙ୍କୁ ଚାଇଲ୍ଡ ଲାଇନ୍ ପକ୍ଷରୁ ଉଦ୍ଧାରକରାଯାଇଛି। ସେମାନଙ୍କ ମଧ୍ୟରୁ ୯ ଜଣ ବାଳକ ଓ ଜଣେ ବାଳିକା ଥିବା ଜଣାପଡିଛି। ବିଭିନ୍ନ ଅଞ୍ଚଳରୁ ଆସି ଏହି ଶିଶୁମାନେ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରୁଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଅଶୋକ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲା ଶିଶୁ ମଙ୍ଗଳ ଅଧିକାରୀ, ଡିଏସ୍‌ପି ଅପରାଧ ବିଭାଗର ଚିନ୍ମୟ ନାୟକ, ଆଇଆଇସି ରାମପ୍ରସାଦ ନାଗ, ଶିଶୁ ମଙ୍ଗଳ କମିଟିର ସଦସ୍ୟ ସଦସ୍ୟା, ଜିଲା ଶ୍ରମ ଅଧିକାରୀ ପଦଲାମ ପାଇକ, ଚାଇଲ୍ଡ ଲାଇନ୍ ଜିଲା ସଂଯୋଜକ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଅଚାନକ ଚଢାଉ କରି ଏହି ଶିଶୁମାନଙ୍କୁ



ଚଢାଉରେ ସାମିଲ ହୋଇଥିବା ଅଧିକାରୀମାନେ ।

ଉଦ୍ଧାର କରିଥିଲେ। ସେମାନଙ୍କୁ ଚାଇଲ୍ଡଲାଇନରେ ରଖାଯାଇ ରବିବାର କାଉନସେଲିଂ କରାଯିବ। ପରେ ଏମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ସଂସ୍ଥା ମାଲିକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏମାନଙ୍କ ପରିବାର ବର୍ଗଙ୍କୁ ଡକାଇ ହସ୍ତାନ୍ତର କରାଯିବାକୁ ସ୍ଥିର ହୋଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ କାଲିମେଳା ଓ ଚିତ୍ରକୋଣ୍ଡା ଅଞ୍ଚଳରୁ ୧୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା।

# ବିଦ୍ୟାଳୟ ଅନ୍ତେବାସୀଙ୍କୁ ପ୍ରଶାସନ ଯୋଗାଉନି ଖାଦ୍ୟ

**ମାଲକାନଗିରି,୧୦।୮ (ଡି.ଏନ୍.ଏ.)–**

ଆଦିବାସୀ ବହୁଳ ଜିଲାଗୁଡିକରେ କୌଣସି ଶିଶୁ ଯେପରି ଶିକ୍ଷା ଗ୍ରହଣରୁ ବଞ୍ଚିତ ନ ହୁଅନ୍ତି ସେନେଇ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏଥିଲାଗି ବହୁ ଅର୍ଥ ବ୍ୟୟ ହେଉଛି। ଜିଲା ଶିକ୍ଷା ବିଭାଗ, ସର୍ବଶିକ୍ଷା ଅଭିଯାନ, ମଙ୍ଗଳବିଭାଗ ଦ୍ୱାରା ଜିଲାରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବାସିକ ବିଦ୍ୟାଳୟରେ ରହି ପାଠପଢୁଛନ୍ତି। ସେମାନଙ୍କୁ ଖାଦ୍ୟପେୟ, ପୋଷାକ, ପାଠ୍ୟପୋକରଣ, ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷ ମାଗଣାରେ ପ୍ରଦାନ କରାଯାଉଛି। ମାତ୍ର ମାଲକାନଗିରି ଜିଲା ପଡିଆ ବ୍ଲକ ଏବଂ ମାଲକାନଗିରି ବ୍ଲକର କେତେକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଛାଡି ଚାଲି ଯିବା ପାଇଁ ଶିକ୍ଷକମାନେ ପରାମର୍ଶ ଦେଉଛନ୍ତି। ଏହାକୁ ଅଭିଭାବକ ଏବଂ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚମାନେ ବିରୋଧ କରିଛନ୍ତି। ସେମାନେ ଏନେଇ ଶନିବାର ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାଟେରୁ ସରପଞ୍ଚ ଜୋଗି ମାଡି ନିଲିଗୁଡା ସରପଞ୍ଚ ବୁଦ୍ରା କାର୍ତାମି, ଗୋରାଖୁଣ୍ଟା ସରପଞ୍ଚ ଏରା ପଡିଆମି, ମାଟାପାକା ସରପଞ୍ଚ ବିନାୟକ ମାଡକାମଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ଅବିଭାବକ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଅଞ୍ଚଳରେ ଗ୍ରୀଷ୍ମାବକାଶ ପରେ ବିଦ୍ୟାଳୟ ଖୋଲିବା ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢୁଛନ୍ତି। ବର୍ତ୍ତମାନ ଏମ୍.ପି.ଭି.– ୬୧, ଏମ୍.ପି.ଭି.– ୯, ପର୍ସନପାଲ୍ଲି, ନିଲିଗୁଡା, ମାଟେରୁ, ଶିଖପାଲି, ଆଦି କେତେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷକମାନେ ବିଦ୍ୟାଳୟ ଏବଂ ଛାତ୍ରାବାସ ଛାଡିବା ପାଇଁ ବାଧ କରୁଛନ୍ତି। ତେବେ ଶିକ୍ଷକମାନଙ୍କ କହିବା ଅନୁଯାୟୀ ନିଜ ବିଦ୍ୟାଳୟ ରେ ପୂର୍ବରୁ ଯେତିକି ପିଲା ପାଠ ପଢିବା କଥା ଅଭିଭାବକଙ୍କ ଅନୁରୋଧ ଏବଂ ସେହି ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଉତ୍ସାହ ଦେଖି ଅଧିକ



ସରପଞ୍ଚମାନେ ପ୍ରଶାସନକୁ ଦାବିପତ୍ର ଦେଉଛନ୍ତି ।

ଛାତ୍ରୀଛାତ୍ରଙ୍କ ନାମ ବିଦ୍ୟାଳୟରେ ଲେଖା ଯାଇଥିଲା। ଏହି ଛାତ୍ରୀଛାତ୍ରଙ୍କ ଖାଦ୍ୟ ବାବଦ ଚାଉଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଜିଲା ପ୍ରଶାସନ ଅର୍ଥ ଯୋଗାଇ ଦେଉଥିଲେ। ମାତ୍ର ଗତ ଏପ୍ରିଲ ମାସରୁ ପ୍ରଶାସନ ଛାତ୍ରୀଛାତ୍ରଙ୍କ ପାଇଁ ଦେଉଥିବା ଅର୍ଥ ଏବଂ ଚାଉଳ ବନ୍ଦ କରି ଦେଇଛନ୍ତି।ଫଳରେ ଅଧିକ ସଂଖ୍ୟରେ ଛାତ୍ରୀଛାତ୍ରଙ୍କୁ ରଖିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ଅନ୍ୟ ପକ୍ଷରେ ଜିଲା ଶିଶୁ ସୁରକ୍ଷା ସଂସ୍ଥା ଭିନ୍ନ କାରଣ ଦର୍ଶାଇଛି। ସଂସ୍ଥା କହିଛି ଯେ, ଯେକୌଣସି ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ରହିବାକୁ ହେଲେ ଜଣ ପ୍ରତି ୨୦ ବର୍ଗଫୁଟ ସ୍ଥାନ ଦରକାର। ଏହି ବିଦ୍ୟାଳୟର ଉପସ୍ଥାନ ଅନୁସାରେ ସେତିକି ସ୍ଥାନ ନାହିଁ। ଏହା ଶିଶୁସୁରକ୍ଷା ଆଇନ ଓ ଶିଶୁ ମଙ୍ଗଳ ଆଇନକୁ ଉଲ୍ଲଘନ କରୁଛି। ଏଥିପାଇଁ ଏହି ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଦାନ କରାଯାଉଥିବା ଖାଦ୍ୟ ବାବଦ ଅର୍ଥ ଏବଂ ଚାଉଳ ବନ୍ଦ କରାଯାଇଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବାଧ ହୋଇ ଏହି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଛାଡିବା ଲାଗି କହୁଛନ୍ତି। ଜିଲା ପ୍ରଶାସନର ଏପରି ପଦକ୍ଷେପକୁ ଅବିଭାବକ ଏବଂ ସରପଞ୍ଚମାନେ ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ଜିଲା ଆଦିବାସୀ ସମାଜ ମହାସଂଘ ଉପଦେଷ୍ଟା ଘନଶ୍ୟାମ ମାଡକାମି, ଆଦିବାସୀ ମହାସଂଘ ସଭାପତି ଘେନୁ ମୁଦୁଲି, ଉପସଭାପତି ଲକ୍ଷ୍ମଣ ନାୟକ, ମୁକୁନ୍ଦ ପଡିଆମି ପ୍ରମୁଖ କହିଛନ୍ତି ଯେ, ଜିଲା ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ଛାତ୍ରୀଛାତ୍ରଙ୍କ ପଢିବା ଏବଂ ସେମାନଙ୍କୁ ଛାତ୍ରାବାସରେ ରହିବାର ସୁଯୋଗ ଦିଅନ୍ତୁ। ନଚେତ୍ ଆଗାମୀ ଦିନରେ ଆଦିବାସୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇବ । ଏ ନେଇ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ, ଜିଲାରେ କୌଣସି ଛାତ୍ରୀଛାତ୍ରଙ୍କୁ ଶିକ୍ଷାରୁ ବଞ୍ଚିତ କରା ଯିବ ନାହିଁ। କେଉଁ କାରଣରୁ ଏପରି ପଦକ୍ଷେପ ସିଡବ୍ଲ୍ୟୁସି ନେଇଛି ସେ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ଶିକ୍ଷାଧିକାରୀ, ଜିଲା ମଙ୍ଗଳ ଅଧିକାରୀଙ୍କ ସହ ସେ ଏକ ବୈଠକ କରି ନିଷ୍ପତ୍ତି ନେବେ। ମଙ୍ଗଳ ବିଭାଗରେ ବିଦ୍ୟାଳୟଗୁଡିକରେ ଖାଲିଥିବା ସ୍ଥାନ ଗୁଡିକରେ ଏହି ଛାତ୍ରୀଛାତ୍ରଙ୍କୁ ସୁବିଧାରେ ଶିକ୍ଷା ଗ୍ରହଣ କରିବା ବ୍ୟବସ୍ଥା ଲାଗି କରାଯିବ ବୋଲି ସେ କହିଥିଲେ ।

**ସରପଞ୍ଚ, ଅଭିଭାବକ ପ୍ରଶାସନର ଦ୍ୱାରସ୍ଥ**

■ ପିଲା ଅଧାରୁ ପାଠ ଛାଡିଲେ ଦାୟୀ ରହିବେ ସରକାର

■ ଶିକ୍ଷକମାନେ ବିଦ୍ୟାଳୟ, ଛାତ୍ରାବାସ ଛାଡିବାକୁ ବାଧ କରୁଛନ୍ତି

■ ବୈଠକ ପରେ ନିଷ୍ପତ୍ତି ନେବ ଜିଲା ପ୍ରଶାସନ

## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ଦଶମନ୍ତପୁର,୧୦।୮(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ମେଟିଜାନି ଗ୍ରାମରେ ଜଣେ ମାନସିକ ଅନଗ୍ରସର ଥିବା ୨୫ ବର୍ଷୀୟ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ପାଖ ଗାଁର ଜଣେ ବ୍ୟକ୍ତି ତାଙ୍କୁ ଏକା ପାଇ ଶନିବାର ରାତି ୯ଟା ବେଳେ ବଳାତ୍କାର ଉଦ୍ୟମ କରୁଥିଲେ। ଯୁବତୀଙ୍କ ବାପା ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପରେ ସେ ଦଶମନ୍ତପୁର ଥାନାକୁ ଏତଲା ଦେବା ପାଇଁ ଯାଇଥିବା ଜଣାପଡ଼ିଛି।

### ଇନ୍ଦ୍ରାବତୀ ଜଳଭଣ୍ଡାର ୩ ଟର୍ବାଇନରୁ ବିଦ୍ୟୁତ ଉତ୍ପାଦନ ଜାରୀ

**ତେନ୍ତୁଳିଖୁଣ୍ଟି,୧୦।୮(ଡି.ଏନ.ଏ)-** ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ ଶନିବାର ସନ୍ଧ୍ୟା ସୁଦ୍ଧା ୬୪୦.୦୬ ମିଟରରେ ପହଞ୍ଚିଛି। ବର୍ତ୍ତମାନ ୨ଟି ଗେଟ ୧.୫ ମିଟର ଲେଖାଏଁ ଖୋଲା ରହିଛି। ମୁଖୀଗୁଡା ପାଓ୍ୱାର ହାଉସରେ ୩ଟି ଟର୍ବାଇନ ଚାଲୁ ରହିଛି। ଜଳଭଣ୍ଡାର ମଧ୍ୟରୁ ପ୍ରତି ସେକେଣ୍ଡରେ ୫୮୧.୫୩ ଘନମିଟର ଜଳ ପ୍ରବେଶ କରୁଛି। ବିଦ୍ୟୁତ ଉତ୍ପାଦନ ପରେ ୬୪୦.୫୨୮ ଘନମିଟର ଜଳ ନିଷ୍କାସନ ହେଉଛି।

### ବନ୍ଧୁକ ଦେଖାଇ ଲୁଟିନେଲେ ୮ହଜାର

**ଆସିକା,୧୦।୮(ଡି.ଏନ୍.ଏ.)-** କବିସୂର୍ଯ୍ୟନଗର ମୁଖ୍ୟସଡକ କଲେଜ ଛକ ସଂଲଗ୍ନ ରାସ୍ତାରେ ଶନିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଦୁର୍ବୃତ୍ତ ଜଣେ ମିଠା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୮ ହଜାର ଟଙ୍କା ଲୁଟି ନେଇଛନ୍ତି। ସେ ହେଲେ ଗାଙ୍ଗପୁର ଥାନା ନିମିନା ଗ୍ରାମର ଶିଶିଲ ପାତ୍ର।ଶିଶିଲ ଜଣେ ମିଠା ବ୍ୟବସାୟୀ। ଶନିବାର ମିଠା ବିକ୍ରି କରିବାକୁ ବାଇକରେ କବିସୂର୍ଯ୍ୟନଗର ଯାଉଥିଲେ। କଲେଜ ଛକ ନିକଟ ରାସ୍ତାରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ପରେ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ୮ ହଜାର ଟଙ୍କା ଝାମ୍ପି ନେଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଶିଶିଲ୍ ଆସିକା ଥାନାରେ ଅଭିଯୋଗ କରିବା ନଂ.୨୫୫/୧୯ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଉଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

# ସୂଚନା ଅଧିକାର ଆଇନରେ ମିଳୁନି ତଥ୍ୟ

**କୋଷାଗୁମୁଡା,୧୦।୮(ଡି.ଏନ.ଏ.)–** ସ୍ୱଚ୍ଛ ଭାରତ ମିଶନକୁ ଗ୍ରାମୀଣ ସ୍ତରରେ ବାସ୍ତବରୂପ ଦେବା ପାଇଁ ସରକାର ସ୍ୱତନ୍ତ୍ର ଗାଇଡ ଲାଇନ ଦ୍ୱାରା ଏହା କାର୍ଯ୍ୟକାରୀ କରାଉଛନ୍ତି । ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ କରାଯାଉଛି। ଏହା କିଭଳି ନିର୍ମାଣ ହେବ ସେଥିପାଇଁ ଏଷ୍ଟିମେଟ ମଧ୍ୟ ଜାରି କରିଛନ୍ତି। ତେବେ ନବରଙ୍ଗପୁର ଜିଲାରେ ଏହି ଯୋଜନାରେ ପାଇଖାନା ନିର୍ମାଣ ସମ୍ପର୍କରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ଏହା ମିଳୁ ନାହିଁ। କୋଷାଗୁମୁଡାସ୍ଥିତ ହରେକୃଷ୍ଣ ପ୍ରଧାନ ଜିଲାପାଳଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି । ପାଇଖାନା ନିର୍ମାଣ ହେବା ସମୟରେ କଣ ସରକାରୀ ଗାଇଡ ଲାଇନ ରହିଛି। ଏଷ୍ଟିମେଟରେ କଣ ଦର୍ଶାଯାଇଛି। ସେ ସମ୍ପର୍କରେ ସୂଚନା ଅଧିକାରୀ ଆଇନରେ ତଥ୍ୟ ଦେବାକୁ କୋଷାଗୁମୁଡା, ଡାବୁଗାଁ, ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟରେ ସେ ଆବେଦନ କରିଥିଲେ। ଜୁନ ୧୭ ତାରିଖରେ ଏଥିପାଇଁ ସେ ଆବେଦନ କରିଥିଲେ। କିନ୍ତୁ ଆବେଦନକୁ ୪୫ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ତଥ୍ୟ ମିଳି ନ ଥିବାରୁ ଏ ସମ୍ପର୍କରେ ସେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏଷ୍ଟିମେଟକୁ ଉଲ୍ଲଂଘନ କରାଯାଇ ନିମ୍ନମାନର ପାଇଖାନା ନିର୍ମାଣ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।




■ ଜିଲାରେ ବନ୍ୟା ପରିସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

# ୭ ଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ନବରଙ୍ଗପୁର,୧୦।୮(ବି.ପ୍ର)**


ସମୀକ୍ଷା ବୈଠକରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି,ଜିଲାପାଳ, ଏମପିଙ୍କ ସହ ଅନ୍ୟମାନେ।

- ■୫ ବ୍ଲକରେ ଅଧିକ କ୍ଷୟକ୍ଷତି ହୋଇଛି
- ■୧୯୦ ଘର ଭାଙ୍ଗିଛି
- ■୧୪ଶହ ହେକ୍ଟର ଚାଷ ଜମି ନଷ୍ଟ
- ■ବ୍ଲକ, ତହସିଲ ଓ ବିଭିନ୍ନ ବିଭାଗ ପକ୍ଷରୁ ମିଳିତ ଭାବେ ହେବ କ୍ଷୟକ୍ଷତି ଆକଳନ

ନବରଙ୍ଗପୁର ଜିଲାରେ ବନ୍ୟା ପିରିସ୍ଥିତି ନେଇ ସ୍ଥାନୀୟ ମିଶନ ଶକ୍ତି ହଲଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଶନିବାର ସମୀକ୍ଷା କରିଛନ୍ତି । ଜିଲାପାଳ ଅଜିତ କୁମାର ମିଶ୍ର ଜିଲାର ବନ୍ୟା ପରିସ୍ଥିତି ଉପରେ ଅବଗତ କରାଇଥିଲେ । ନବରଙ୍ଗପୁର, କୋଷାଗୁମୁଡା, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ପାପଡାହାଣ୍ଡି ବ୍ଲକରେ ଅଧିକ ବନ୍ୟାଜନୀତ କ୍ଷୟକ୍ଷତି ହୋଇଛି । ୧୯୦ ଘର ଭାଙ୍ଗିଛି । କୋଡିଙ୍ଗାରେ ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। କ୍ଷତିଗ୍ରସ୍ତ ପରିବାରକୁ ସର୍ଭେ କରାଯାଇ ପକ୍କାଘର ଯୋଗାଇ ଦିଆଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି । କୋଷାଗୁମୁଡା ବ୍ଲକର ଚିର୍ମା ପଞ୍ଚାୟତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ଅଞ୍ଚଳର ୭୨୦ ଜଣଙ୍କୁ ୪ଟି ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଥିଲା । ୧୪ଶହ ହେକ୍ଟର ଚାଷ ଜମି ବନ୍ୟା କାରଣରୁ ନଷ୍ଟ ହୋଇଛି । ଜିଲାରେ ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ଅଗଷ୍ଟ ୧୫ ସୁଦ୍ଧା ୫୦ ହଜାର ପାଇଖାନା ନିର୍ମାଣ ପାଇଁ ଟାର୍ଗେଟ ଦିଆଯାଇଥିଲା । ବର୍ଷା କାରଣରୁ ତାହା ଶତପ୍ରତିଶତ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ଘଟିବ ବୋଲି ଜିଲାପାଳ କହିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୦୩ ଲକ୍ଷ ଟଙ୍କାର ରାସ୍ତା ନଷ୍ଟ ହୋଇଥିବା ଆକଳନ କରାଯାଇଥିବା ସୂଚନା ଦିଆଯାଇଥିଲା । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଥିଲେ ଯେ ଜିଲାରେ ୧୯୦ଟି ଘର ଭାଙ୍ଗିଥିବା ଆକଳନ କରାଯାଇଛି । ତାହା ଏହାଠାରୁ ଅଧିକ ହୋଇଥିବା କହିଥିଲେ। ତହସିଲଦାର, ବିଡିଓଙ୍କ ଠାରୁ ତଥ୍ୟ ମଗାଯିବାକୁ କହିଥିଲେ । ଘାଟବାସୁଲି ଗାଁ ଅଧିକ ବନ୍ୟା ହେଲେ ଭାସି ଯିବାର ସମ୍ଭାବନା ରହିଛି । ଚିର୍ମା, ଘାଟବାସୁଲି ଓ ଦେବରାଗୁଡା ଠାରେ ବନ୍ୟା ଆଶ୍ରୟ ସ୍ଥଳ କରାଯାଉ। ବନ୍ୟା ଅଞ୍ଚଳରେ ଅଧିକ ଡଙ୍ଗା ଯୋଗାଇବାକୁ ଦାବି କରିଥିଲେ । ଏମପି ରମେଶ ଚନ୍ଦ୍ର ମାଝୀ ଜିଲାର ସମସ୍ତ ବ୍ଲକର କ୍ଷୟକ୍ଷତି ଆକଳନ କରିବାକୁ କହିଥିଲେ । କୋଷାଗୁମୁଡା ବ୍ଲକର ଚିର୍ମା, ପଡେଇଗୁଡା, ସିନ୍ଧିଯୋଡି, ଦୁଗଲାହାଣ୍ଡି, କେରାଣ୍ଡିମାଳ ଓ କଣ୍ଡିବାଗଦରୀ ଠାରେ ଅଧିକ ଉଚ୍ଚର ପୋଲ ନିର୍ମାଣ କରିବାକୁ କହିଥିଲେ । ଇନ୍ଦ୍ରାବତୀ ନଦୀ କୁଳିଆ ଗାଁ ଗୁଡିକର ସୁରକ୍ଷା ପାଇଁ ପଥର ବନ୍ଧ କରାଯିବାକୁ ଦାବି କରି ୨ଶହ କୋଟି ଟଙ୍କା ପ୍ରଦାନ କରାଗଲେ କାର୍ଯ୍ୟରେ ଆସିବ ବୋଲି କହିଥିଲେ । ପୂର୍ବରୁ ୨ କୋଟି ଟଙ୍କାର ପଥର ପ୍ୟାକିଂ କରାଯାଇଥିଲେ ମଧ୍ୟ ତାହା ଭାସି ଯାଇଛି । କ୍ଷୟକ୍ଷତିର ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ କହିଥିଲେ । ପାପଡାହାଣ୍ଡି ଟୁରୀ ନଦୀ ପୋଲ ଉଚ୍ଚ କରିବାକୁ ବିଧାୟକ ରନ୍ଧାରୀ କହିଥିଲେ । ଭାସ୍କଲ ନଦୀର ବନ୍ୟାପାଣି ଉମରକୋଟ ସହର ନିକଟ କୂଳ ଖାଉଥିବା କହିଥିଲେ । ଚନ୍ଦାହାଣ୍ଡିର ମୋହରା, ବେହେରାମୁଣ୍ଡା ଆଦି ନଦୀ କୂଳ ଖାଉଛି ବୋଲି ଏମପି ମାଝି କହିଥିଲେ । ଜିଲାର ଡାବୁଗାଁ ବ୍ଲକର ଘୋଟାଖୁଣ୍ଟା, ପ୍ରଧାନୀଗୁଡା, ବରିପଦର, ଚିକିଲି ଆଦି ଗାଁ ଗୁଡିକରେ ୨୦ ଦିନ ହେବ ବିଦ୍ୟୁତ ସରବରାହ ନାହିଁ । ତୁରନ୍ତ ବିଦ୍ୟୁତ ସଂଯୋଗୀ କରଣ ପାଇଁ କହିଥିଲେ। ବନ୍ୟା କ୍ଷତିଗ୍ରସ୍ତ ରିପୋର୍ଟ ମିଳିବା ପରେ ପ୍ରାଥମିକତା ଭିତ୍ତିରେ ଜରୁରୀ ଆବଶ୍ୟକତାକୁ ପୂରଣ କରାଯିବ । ୭ ଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ, ତହସିଲ ଓ ବିଭିନ୍ନ ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ପଠାଇବାକୁ ମନ୍ତ୍ରୀ କହିଛନ୍ତି। ଯେଉଁ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇନାହିଁ ତୁରନ୍ତ ସଂଯୋଗୀକରଣ କରାଯିବାକୁ ସାଉଥକୋ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଜରୁରୀ କାଳୀନ ପରିସ୍ଥିତି ଆସିଲେ ଜିଲାପ୍ରଶାସନକୁ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ । ରାଜ୍ୟ ଯୁଗ୍ମ ରିଲିଫ କମିଶନର ପ୍ରଭାତ ମହାପାତ୍ର ବନ୍ୟା କାରଣରୁ ଘର ଭଙ୍ଗା, ଗୃହପାଳିତ ପ୍ରାଣୀ, ମାଛ ଚାଷୀ, ହସ୍ତତନ୍ତ କାରିଗରଙ୍କୁ ତୁରନ୍ତ ସହାୟତା ଦେବାକୁ ନିୟମ ରହିଛି । ଆସନ୍ତା ୧୭ ତାରିଖ ସୁଦ୍ଧା ସମସ୍ତ କ୍ଷୟକ୍ଷତିଙ୍କ ରିପୋର୍ଟ ପଠାଇବାକୁ କହିଥିଲେ । ଏହା ସହିତ କ୍ଷତିଗ୍ରସ୍ତ ପରିବାରର ବ୍ୟାଙ୍କ ଆକାଉଣ୍ଟ ନମ୍ବର ସଂଯୋଗ କରିବାକୁ କହିଥିଲେ । ରାଇଘର, ନନ୍ଦାହାଣ୍ଡି ,କୋଡିଙ୍ଗା ଠାରେ ତହସିଲଦାର ନଥିବାରୁ ବହୁ ଅସୁବିଧା ହେଉଥିବା ଜିଲାପାଳ ମନ୍ତ୍ରୀଙ୍କୁ ଅବଗତ କରିଥିଲେ ।ରାଜ୍ୟ ସରକାର ପ୍ରତି ୩ଟି ପଞ୍ଚାୟତକୁ ନେଇ ଆରଆଇ ସର୍କଲ ଗଠନ କରିବାକୁ ପଦକ୍ଷେପ ନେଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ । ଏହି ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ କରୁଣାକର ରାଇକା, ସମସ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ୫ଟି ବ୍ଲକର ତହସିଲଦାର, ବିଡିଓ ପ୍ରମୁଖ ଯୋଗ ଦେଇଥିଲେ ।

### ନାବାଳିକାଙ୍କୁ ଅପହରଣ,ଯୁବକ ଗିରଫ

**ଡାବୁଗାଁ, ୧୦।୮ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଡାବୁଗାଁ ଗ୍ରାମର ରମେଶ ବିନ୍ଧାଣୀଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ନାବାଳିକା ଜଣକ ଜୁଲାଇ ୧୬ ତାରିଖରେ ଘରୁ କଲେଜକୁ ପାଠ ପଢିବାକୁ ଯାଇଥିଲେ। ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ଝିଅର କୌଣସି ସନ୍ଧାନ ପାଇନ ଥିଲେ । ପରେ ଜାଣିବାକୁ ପାଇଥିଲେ ଯେ ରମେଶ ଝିଅକୁ ଅପହରଣ କରି କେଉଁଆଡେ ନେଇ ଚାଲିଯାଇଛି। ଏନେଇ ନାବାଳିକାଙ୍କ ବାପା ୨୮।୭।୧୯ରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ ୮୬/୧୯ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ଗୁରୁବାର ରାତିରେ ପୋଲିସ ନାବାଳିକାଙ୍କୁ ଝରିଗାଁ ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲା । ଶୁକ୍ରବାର ରାତିରେ ରମେଶ ନିଜ ଘରକୁ ଆସିଥିବା ଖବର ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଶନିବାର ରମେଶଙ୍କୁ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକଙ୍କ ସୂଚନା ଦେଇଛନ୍ତି ।

# ସ୍ୱାଧୀନତା ଦିବସ ପାଇଁ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ

**ଉମରକୋଟ, ୧୦।୮(ଡି.ଏନ୍.ଏ.)**

ଉମରକୋଟ ସ୍ୱାଧୀନତା ଦିବସ କମିଟି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ଏକ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉମରକୋଟ ମ୍ୟୁନିସିପାଲିଟି ଅଧୀନ ସମସ୍ତ ମହାବିଦ୍ୟାଳୟ, ବିଦ୍ୟାଳୟ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟ ଅଧକ୍ଷା ନମିତା ମହାପାତ୍ର ପରିଚାଳନା କରିଥିଲେ। ଶିକ୍ଷାବିତ୍ ଉମେଷ ଚନ୍ଦ୍ର ଭୁକ୍ତା ଏବଂ ଶିକ୍ଷକ ତ୍ରିପତି ପଟ୍ଟନାୟକ, ଦିଲୀପ କୁମାର ପଟ୍ଟନାୟକ, ଅଧାପକ ଅମ୍ରେଶ ମହାନ୍ତି, ଅଧାପିକା ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ।

ତହସିଲଦାର ତଥା କମିଟି ସଭାପତି ଧର୍ମରାଜ ମାଝି ଉପସ୍ଥିତ ଥିଲେ। ଏଥିରେ ୧୦୦ ଜଣ ପିଲା ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୬ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ଉପ କନିଷ୍ଠ ବିଭାଗରେ ଆଦାମି ମାଲିକାନ୍ ଏବଂ ଶ୍ଲୋକ ଅଗ୍ରୱାଲ ବିଜେତା ହୋଇଥିଲେ । ସେହିଭଳି କନିଷ୍ଠ ବିଭାଗରେ ଯଶ୍‌ରାଜ ପଟ୍ଟନାୟକ-କୁମାର ଅନୁଭବ ବିଜେତା ହୋଇଥିଲେ। ଦିବ୍ୟ ସୁନ୍ଦର ସିଂ ଏବଂ ଚନ୍ଦ୍ରଶେଖର ଭତ୍ରା ରନର୍ସଅପ୍ ହୋଇଥିଲେ। ଉପ-ବରିଷ୍ଠ ବିଭାଗରେ ଅମିୟ କୁମାର ମିଶ୍ର ଓ ସବିତ୍ ସିଂ ବିଜେତା ହୋଇଥିଲେ। ଅରଶ୍ରୀ ଶିବାନୀ ମିଶ୍ରଏବଂ ରାଜୀବ ପଣ୍ଡା ରନର୍ସଅପ୍ ହୋଇଥିଲେ। ବରିଷ୍ଠ ବିଭାଗରେ ବିଜେତା ଭାବେ ବିଶ୍ୱମ୍ଭର ହରିଜନ ଏବଂ ଟିକାରାମ୍ ଓ ସମୀକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ, ରଶ୍ମିତା ଗୌଡ଼ ରନର୍ସଅପ୍ ହୋଇଥିଲେ। କୃତି ପ୍ରତିଯୋଗୀଙ୍କୁ ମିଳିତ ପରେଡ୍‌ରେ ପୁରସ୍କୃତ କରାଯିବ।

# ପାଟିକାଙ୍କ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

**ଚନ୍ଦାହାଣ୍ଡି, ୧୦।୮ (ଡି.ଏନ.ଏ)**

ସରକାର ଶିଶୁ ଏବଂ ମାଆମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ସହ ଶିଶୁମାନଙ୍କୁ ପ୍ରାକ ଶିକ୍ଷା ପ୍ରଦାନ ନିମନ୍ତେ ଗାଁ ଗାଁ ରେ ଖୋଲିଛନ୍ତି ଅଙ୍ଗନୱାଡି କେନ୍ଦ୍ର । କିନ୍ତୁ ଏସବୁ କେନ୍ଦ୍ରର ଅବସ୍ଥା କହିଲେ ନସରେ । ଏହାର ଉଦାହରଣ ଦେଖିବାକୁ ମିଳିଛି ଚନ୍ଦାହାଣ୍ଡି ସଦର ପଞ୍ଚାୟତରେ । ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ତିନିଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଅଙ୍ଗନୱାଡି କେନ୍ଦ୍ର-୧ ଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଏହା ଦୀର୍ଘଦିନ ହେବ କର୍ମୀଙ୍କ ଘରେ ଚାଲିଛି । ଅଙ୍ଗନୱାଡି କେନ୍ଦ୍ର-୨ ଖୋଲିବା ଦିନ ଠାରୁ ଏହାର ନିଜସ୍ୱ ଗୃହ ନଥିବାରୁ ଏହା ଚାଲିଛି ପାଟିକାଙ୍କ ଘରେ। ଏହାର ଚତୁଃପାର୍ଶ୍ୱ ଆବର୍ଜନା ହୋଇ ପଡିଛି । ଅସ୍ୱାସ୍ଥ୍ୟକର ପରିବେଶରେ ଶିଶୁମାନେ ପ୍ରାକ ଶିକ୍ଷା ଗ୍ରହଣ କରୁଛନ୍ତି । ଅଳ୍ପବର୍ଷା ହେଲେ ଏସବୁ କେନ୍ଦ୍ରରେ ପାଣି ଭର୍ତ୍ତି ହୋଇ ଯାଉଛି। ସେହିଭଳି ଅଙ୍ଗନୱାଡି କେନ୍ଦ୍ର-୩ ର ନୂତନ କୋଠା ନିର୍ମାଣ ହୋଇଛି । କିନ୍ତୁ


ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ର ।

ଏହି କେନ୍ଦ୍ରକୁ ଯିବାକୁ ସ୍ଥାୟୀ ରାସ୍ତା ନାହିଁ । ବର୍ଷା ହେଲେ ଏହି ରାସ୍ତାରେ କାଦୁଅ ପଚପଚ ହେଉଛି । ଯାହାଫଳରେ ଶିଶୁମାନେ କେନ୍ଦ୍ରକୁ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରରେ ଏଭଳି ଅବସ୍ଥା ଯୋଗୁଁ ଗ୍ରାମବାସୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଏସବୁ କେନ୍ଦ୍ର ବିପଦ ସଙ୍କୁଳ ଗୃହରେ ଚାଲୁଥିବା ସହ ବର୍ଷା ହେଲେ କେନ୍ଦ୍ର ଭିତରେ ବର୍ଷାପାଣି ଭର୍ତ୍ତି ହୋଇଯାଉଛି । ଯାହାଫଳରେ ଏଠାରେ ଶିଶୁ ମାନେ ଅସୁରକ୍ଷିତ ଅବସ୍ଥାରେ ରହିବା ସହ କେନ୍ଦ୍ର ଭିତରେ ବସି ପାରନ୍ତି ନାହିଁ । ରୋଷେଇ ଗୃହର ଅବସ୍ଥା କହିଲେ ନସରେ। ଅଙ୍ଗନୱାଡି କର୍ମୀ ଏବଂ ପାଟିକାଙ୍କ ଘରେ ଦୁଇଟି କେନ୍ଦ୍ର ଚାଲୁ ରହିଥିବା ଜଣାପଡିଛି । ବ୍ଲକ ସଦର ମହକୁମା ଅବସ୍ଥା ଯଦି ଏଭଳି ତାହେଲେ ଗ୍ରାମାଞ୍ଚଳର ଅବସ୍ଥା କଣ ଥିବ ତାହା ସାଧାରଣରେ ଅନୁମେୟ । ବ୍ଲକରେ ମୋଟ ୧୩୨ ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ୮୯ କେନ୍ଦ୍ର ନିଜସ୍ୱ ଗୃହରେ ଚାଲିଛି । ୧୧ ଟି କେନ୍ଦ୍ରକୁ ବିପଦସଙ୍କୁଳ ଘୋଷଣା କରାଯଇଥିବା ବେଳେ ୪୦ ଟି କେନ୍ଦ୍ରର ନୂତନ କୋଠା ନିର୍ମାଣ ଚାଲିଛି ବୋଲି ସୁପରଭାଇଜର ସୌଦାମିନୀ ସ୍ୱାଇଁ ସୂଚନା ଦେଇଛନ୍ତି । ବହୁ କେନ୍ଦ୍ରର ରୋଷେଇ ଗୃହ ନଥିବା ବେଳେ ବାହାରେ ରୋଷେଇ କରାଯାଉଥିବା ଦେଖିବାକୁ ମିଳୁଛି । ତୁରନ୍ତ ଏହି କେନ୍ଦ୍ରକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବାକୁ ଚନ୍ଦାହାଣ୍ଡି ଗ୍ରାମବାସୀ ଦାବି କରିଛନ୍ତି।

**ଚନ୍ଦାହାଣ୍ଡି ବ୍ଲକ**

- ■୧୩୨ ଅଙ୍ଗନୱାଡି କେନ୍ଦ୍ରରୁ ୮୯ ନିଜସ୍ୱ ଗୃହରେ ଚାଲିଛି
- ■୧୧ଟି କେନ୍ଦ୍ରକୁ ବିପଦସଙ୍କୁଳ ଘୋଷଣା
- ■ଅସ୍ୱାସ୍ଥ୍ୟକର ପରିବେଶରେ ଦିଆଯାଉଛି ପ୍ରାକ୍ ଶିକ୍ଷା




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଅନ୍ୟମାନଙ୍କ ଭଲ କାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟର



## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା କାର୍ଯ୍ୟାଦେଶ ବଣ୍ଟନ

କାଶୀପୁର,୧୦।୮(ଡି.ଏନ୍.ଏ.): ରାୟଗଡା ଜିଲା କାଶୀପୁର ବ୍ଲକରେ ହିତାଧିକାରୀମାନଙ୍କୁ ଭତ୍ତା ଓ କାର୍ଯ୍ୟାଦେଶ ଶନିବାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୨୦ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏଥିସହିତ ୧୪୯ ହିତାଧିକାରୀଙ୍କୁ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ଏଥିରେ କାଶୀପୁର ବ୍ଲକ ଅଧକ୍ଷା ଗୁଆଇ ମାଝି, ଜିଲା ପରିଷଦ ସଭ୍ୟ ରତ୍ନମାଳା ପରିଛା, ଅମ୍ବିକା ମାଝି, ବିଡିଓ ବେଦବର ପ୍ରଧାନ, ଏବିଡିଓ ବଳରାମ ପାତ୍ରଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### କାର୍ଯ୍ୟରେ ଯୋଗ ଦେଲେ ନୂତନ ଆଇଆଇସି

ଜେକେପୁର,୧୦।୮(ଡ଼ି.ଏନ.ଏ): ରାୟଗଡ଼ା ଜିଲା ଚାନ୍ଦିଲି ଥାନାରେ ନୂତନ ଆଇଆଇସି ଭାବେ ଅଜିତ୍ କୁମାର ସ୍ୱାଇଁ ଯୋଗ ଦେଇଛନ୍ତି। ପୂର୍ବରୁ ସେ ରାୟଗଡ଼ା ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁଙ୍କ କୋରାପୁଟ ବଦଳି ହେବା ପରେ ସ୍ୱାଇଁ ଯୋଗ ଦେଇଛନ୍ତି। ସେ ରଥଯାତ୍ରା ସମୟରେ ଜେକେପୁରର ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିଲେ।

### ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜେକେପୁର,୧୦।୮(ଡ଼ି.ଏନ.ଏ): ଜେକେପୁରରେ ଥିବା ପ୍ରସିଦ୍ଧ ଭେଙ୍କେଟେଶ୍ୱର ମନ୍ଦିର କମିଟି ତରଫରୁ କୋରାପୁଟ ନବନିର୍ବାଚିତ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପରେ ଏମ୍‌ପି ଉଲ୍ଲାକା ଭେଙ୍କେଟେଶ୍ୱରଙ୍କୁ ଦର୍ଶନ କରିଥିଲେ। ମନ୍ଦିରର ଉନ୍ନତି ପାଇ ଏମ୍‌ପି ପାଣ୍ଠିରୁ ଦାନ ପାଇ ମନ୍ଦିରର ମୁଖ୍ୟ କମିଟି ସଦସ୍ୟ ତଥା ରାୟଗଡ଼ା ଜିଲା ପରିଷଦ ସଭ୍ୟ ପି. ଗୋରୀଶଙ୍କର ରାଓ ଏମ୍‌ପିଙ୍କୁ ଅନୁରୋଧ କରିଥିଲେ। ନିୟମ ଅନୁସାରେ ସେ ନିଶ୍ଚୟ ସହଯୋଗ କରିବେ ବୋଲି କହିଥିଲେ। ଏମ୍‌ପିଙ୍କ ଏହି ଗସ୍ତ ସମୟରେ କଂଗ୍ରେସ ନେତା ଧବଳେଶ୍ୱର ନାଇଡୁ, ଡ଼ିଭିଡେଶ୍ୱର ରାଓ, ରୋହିନ କୁମାରଙ୍କ ସମେତ ମନ୍ଦିର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

### କାନ୍ଥ ପଡ଼ି ଶ୍ରମିକ ମୃତ ପରିବାରକୁ ଆର୍ଥିକ ସହାୟତା

କୋରାପୁଟ,୧୦।୮(ସ୍ୱ.ପ୍ର.): କୋରାପୁଟ ଟାଉନ ଥାନା ଅଧୀନ ସହରର ସୁନାପୁର ଅଞ୍ଚଳରେ ଶୁକ୍ରବାର ଏକ ଗୃହ ନିର୍ମାଣ ପାଇଁ ମୂଳଦୁଆ ଖୋଳା ଚାଲିଥିବା ବେଳେ ପାର୍ଶ୍ୱକାନ୍ଥ ଭୁଶୁଡି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଶନିବାର ମୃତକଙ୍କ ପରିବାରକୁ ପ୍ରଶାସନ ଜିଲା ରେଡକ୍ରସ ପାଣ୍ଠିରୁ ୫୦୦୦ ଟଙ୍କା ସହ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପାଇଁ ୨ ହଜାର ଟଙ୍କା ପ୍ରଦାନ କରିଛି। ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏହି ସହାୟତା ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସୁନାପୁରର ଯମୁନା ଖରାଙ୍କ ଗୃହ ନିର୍ମାଣ ପାଇଁ ଶୁକ୍ରବାର ମଧ୍ୟାହ୍ନରେ ୪ ଜଣ ଶ୍ରମିକ ମୂଳଦୁଆ ପାଇଁ ମାଟି ଖୋଳୁଥିଲେ। ଏହି ସମୟରେ ପାର୍ଶ୍ୱରେ ଥିବା ଏକ ଗୃହର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଶ୍ରମିକ ଦିନ ହନ୍ତାଳ (୩୦) କାନ୍ଥ ତଳେ ରହିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଘର କୋରାପୁଟ ବ୍ଲକ ମୋହନପଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି। ଖବର ପାଇ ପୋଲିସ ପହଞ୍ଚି କାନ୍ଥ ତଳେ ଥିବା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

■ ପୂରିଲାନି ବର୍ଷେ

# ଭାଙ୍ଗିଲା ସୁରକ୍ଷା ପାଚେରି, ରାସ୍ତା

ଚନ୍ଦ୍ରପୁର, ୧୦।୮(ଡି.ଏନ୍.ଏ.)



ଭୁଶୁଡ଼ି ପଡିଥିବା ରାସ୍ତା।

ନିର୍ମାଣର ବର୍ଷେ ନ ପୂରୁଣୁ ରାସ୍ତାରେ ବଡ ଘାଇ। ନିମ୍ନମାନର କାମ ହୋଇଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ବୋଲି ଅଭିଯୋଗ କରିଛନ୍ତି ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତବାସୀ। ୨୦୧୮ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପଞ୍ଚାୟତର ବାଲକାବାୟୁ ଭାୟା ରାୟଲ ଘାଟି ଦେଇ ୪କିମି ରାସ୍ତା ନିର୍ମାଣ ହୋଇଛି। ହେଲେ ସାମାନ୍ୟ ବର୍ଷାରେ ରାୟଲ ଘାଟି ଗ୍ରାମ ସମ୍ମୁଖରେ ବିରାଟ ଘାଇ ସୃଷ୍ଟି ହୋଇ ଚାରି ଦିନ ହେବ ରାସ୍ତା ଭାଙ୍ଗି ଯାଇଛି। ସେହିପରି ବାଲକାବାୟୁ ଗାଁ ନିକଟ ରାସ୍ତା ପାର୍ଶ୍ୱରେ ୨୦୧୮ରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇ ଥିଲା। କିନ୍ତୁ ଏହି ସୁରକ୍ଷା ପାଚେରି ଫାଉଣ୍ଡେସନ ସହ ୮୦ରୁ ୯୦ ଫୁଟ ଲମ୍ବର ପାଚେରି ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ନିମ୍ନମାନର କାମ ସହ ଯନ୍ତ୍ରୀଙ୍କ ତଦାରଖ ଅଭାବ ଯୋଗୁ ଏପରି ଅବସ୍ଥା ହୋଇଛି ବୋଲି ବାଲକାବାୟୁ ଗ୍ରାମର ଗୋବିନ୍ଦ କୌଶଲ୍ୟା, ଦୁଃଶାସନ ପିଡିକାକା, ଦାମୋଦର ପିଡିକାକା, ନରେନ୍ଦ୍ର ଦିବାକା ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତାର ଏପରି ଅବସ୍ଥା ସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗର କେହି ଜଣେ ମଧ୍ୟ ଘଟଣାସ୍ଥଳକୁ ଆସି ନାହାନ୍ତି। ଏହି ଘଟଣାର ତଦନ୍ତ କରାଯାଇ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ଘଡେଇଙ୍କୁ ପଚାରିବାରୁ ମାତ୍ର ଦୁଇ ଫୁଟ ଗାତ କରାଯାଇ ସୁରକ୍ଷା ପାଚେରି ନିର୍ମାଣ କରାଯାଏ। ବର୍ଷାରେ ଧୋଇ ହୋଇଯିବା କିଛି ବଡ଼ କଥା ନୁହେଁ। ତଥାପି ମୁଁ ଯାଇ ପାଚେରି ଓ ରାସ୍ତା ଅବସ୍ଥା କ'ଣ ହୋଇଛି ଦେଖି ଆସିବି। ରାସ୍ତାର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ ପଥର ଫିଟିଂ କରାଯିବା ନେଇ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ଏମ୍‌ପି ସପ୍ତଗିରି ଉଲ୍ଲାକା ଓ ଅନ୍ୟମାନେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ଏମ୍‌ପିଙ୍କ ଗୁଡାରୀ ବନ୍ୟାଞ୍ଚଳ ଗସ୍ତ

ଗୁଡାରୀ,୧୦।୮(ଡି.ଏନ୍.ଏ.)

କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଶନିବାର ଗୁଡାରୀ ଗସ୍ତ କରିଛନ୍ତି। ସେ ଗୁଡାରୀରେ ପହଞ୍ଚିବା ପରେ ସ୍ଥାନୀୟ କଂଗ୍ରେସ କର୍ମୀମାନେ ଏମ୍‌ପିଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ। ପ୍ରଥମେ ସେ ସହରର ବନ୍ୟା ପ୍ଲାବିତ ଅଞ୍ଚଳ ବୁଲି ଦେଖିଥିଲେ। ପରେ ବଂଶଧାରା ନଦୀ ଆଡ଼ିବନ୍ଧ ବୁଲି ଦେଖିଥିଲେ। ଉକ୍ତ ଆଡ଼ିବନ୍ଧ ନିର୍ମାଣ ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ମେଡିକାଲ ଅଫିସର ଅରୂପାନନ୍ଦ ବେହେରାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମେଡିକାଲରେ ବର୍ତ୍ତମାନ ଡାକ୍ତରଙ୍କ ସଂଖ୍ୟା, ଲାବୋରାଟରି କର୍ମଚାରୀଙ୍କ ରହିବା, ସରକାରୀ ଗୃହର ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ରୋଗୀମାନଙ୍କୁ ଆବଶ୍ୟକ ସମସ୍ତ ସରକାରୀ ସୁବିଧା ଯୋଗାଇବା ପାଇଁ କହିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଗୁଡାରୀ ବିଡିଓ ନୃସିଂହ ଚରଣ ସେଠୀଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶାନ୍ତି ଜାଗାରାଙ୍ଗା, ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପାତ୍ର, ରାମଚନ୍ଦ୍ର ନନ୍ଦ, ପେଦିନା ରମେଶ ପ୍ରମୁଖ ଉପସ୍ଥିତ ଥିଲେ। ଗୁଡାରୀ ଆଞ୍ଚଳିକବିକାଶ ପରିଷଦ ତରଫରୁ ଏମ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ସମସ୍ୟା ବୁଝିଲେ ରାୟଗଡ଼ା ବିଧାୟକ

କାଶୀପୁର,୧୦।୮(ଡି.ଏନ୍.ଏ.)



ବିଧାୟକ ମକରନ୍ଦ ମୁଦୁଲି ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଶନିବାର ରାୟଗଡା ଜିଲା କାଶୀପୁର ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଠାରେ ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସିନ୍ଦୂରଘାଟି ପଞ୍ଚାୟତ ଅନ୍ତର୍ଗତ କୋଡିଗୁହା ଗ୍ରାମରେ ପାହାଡରୁ ମାଟି ଅତଡା ଧସି ଚାଷଜମିରେ ମାଡିଯାଇଛି। ଏହାକୁ ବିଧାୟକ ମୁଦୁଲି ବୁଲି ଦେଖିବା ସହ ସ୍ଥିତି ଅନୁଧ୍ୟାନ କରି ଲୋକଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ସାନଚେକନା ଗ୍ରାମକୁ ଯାଇଥିଲେ। କାଶୀପୁରର ପଣସଗୁଡ଼ା ଉପରସାହିକୁ ଗସ୍ତ କରି ଘର ଭୁଶୁଡି ମୃତ୍ୟୁବରଣ କରିଥିବା ସମ୍ବରୁ ମାଝିଙ୍କ ପୁଅଙ୍କୁ ଭେଟି ଆଶ୍ୱାସନା ଦେଇଥିଲେ। ଏହାପରେ କାଶୀପୁର ମା' ମାଣିକେଶ୍ୱରୀ ଯୁକ୍ତ ଦୁଇ ଆଦିବାସୀ ମହାବିଦ୍ୟାଳୟ ଗସ୍ତ କରି ସେଠାରେ ଥିବା ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ସେଠାରୁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ଏହି ଗସ୍ତ ସମୟରେ ସୀତାରାମ ସାହୁ, ବିନାୟକ ମିଶ୍ର, ଡମ୍ବରୁ ମାଝି, ସାରଦା ନାଏକ, ବିଦ୍ୟା ଦୁରିଆ, ଲବ ନାଏକ, ପୂର୍ବତନ ବ୍ଲକ ଅଧକ୍ଷା ଉଜ୍ଜ୍ୱଳଦେଈ ମାଝିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ତ୍ରୁଟିପୂର୍ଣ୍ଣ ଓଟିଇଟି ପରୀକ୍ଷା ନେଇ ଅସନ୍ତୋଷ

ରାୟଗଡ଼ା ଅଫିସ,୧୦।୮

ଓଟିଇଟି ପରୀକ୍ଷାକୁ ଏକତରଫା ଭାବେ ବାତିଲ ଘୋଷଣା କରିବା ପରେ ପରୀକ୍ଷାର୍ଥୀମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହେଲେ ଏହା ନ୍ୟାୟାଳୟରେ ବିଚାରାଧୀନ ଥିବା ବେଳେ ସରକାର ତାହାକୁ ଖାତିର ନ କରି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ୫ ତାରିଖଠାରୁ ଓଟିଇଟି ପରୀକ୍ଷା କରାଯାଉଛି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ପ୍ରଶ୍ନପତ୍ରରେ ଅନେକ ବିଭ୍ରାଟ ଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ରରେ ମାତୃଭାଷା ଓଡ଼ିଆକୁ ସମ୍ପୂର୍ଣ୍ଣ ଭାବେ ବିକୃତ କରାଯାଇଛି। ସେଥିରେ ଇଂରାଜୀ ବ୍ୟବହାର କରାଯାଇଛି। ସେହିଭଳି ପରୀକ୍ଷାର୍ଥୀମାନଙ୍କ ଗୋଟିଏ ଜିଲାରୁ ଅନ୍ୟ ଜିଲାରେ ପରୀକ୍ଷା କେନ୍ଦ୍ର କରାଯାଇଛି ବୋଲି କ୍ୟାଡର ଶିକ୍ଷକ ସଂଘ ସଭାପତି ବିଜୟ ମିଶ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ତ୍ରୁଟି ସୁଧାରିବା ନିମନ୍ତେ ସେ ଦାବି କରି ଏକ ପ୍ରେସ ବିବୃତି ପ୍ରଦାନ କରାଯାଇଛି।

## ବଂଶଧାରା ତଟବର୍ତ୍ତୀ ଅଞ୍ଚଳ ବୁଲିଲେ ଉପଜିଲାପାଳ



ଗୁଣପୁର ଉପଜିଲାପାଳ ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

ପଦ୍ମପୁର, ୧୦।୮(ଡ଼ି.ଏନ.ଏ)

ରାୟଗଡା ଜିଲାର ବଂଶଧାରା ତଟବର୍ତ୍ତୀ ଅଞ୍ଚଳ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ବୁଲି ଦେଖିଥିଲେ। ଅତଡା ଖାଇଥିବା ସ୍ଥାନ ଓ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ତଟବର୍ତ୍ତୀ ଗ୍ରାମଗୁଡିକୁ ଯାଇଥିଲେ। ସେ ପଦ୍ମପୁର ନିକଟସ୍ଥ ଲିମାପଦର, ଗୁମୁଡା, ଭାମିନୀ ଅଞ୍ଚଳ ବୁଲି ଦେଖିଥିଲେ। କ୍ଷତିଗ୍ରସ୍ତ ଧାନ ଓ ପରିବା ଚାଷୀଙ୍କ ସହ ଆଲୋଚନା କରିବା ସହ କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଗୁମୁଡାରେ ଭାଙ୍ଗିଯାଇଥିବା ୨ଟିଘର ବୁଲିଦେଖିଥିଲେ। ବଂଶଧାରାରେ ଖାଲଗୁମୁଡାଠାରୁ ଭାମିନୀ ପର୍ଯ୍ୟନ୍ତ ପଥର ଆଡିବନ୍ଧ ନିର୍ମାଣ ପାଇଁ ଲିମାପଦର ଗ୍ରାମବାସୀ ଦାବି କରିଥିଲେ। ଉପଜିଲାପାଳଙ୍କ ସହ ରାମନାଗୁଡା ତହସିଲଦାର, ଅତିରିକ୍ତ ତହସିଲଦାର, କୃଷି ବିଭାଗ ଓ ଉଦ୍ୟାନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା




ଜଣେ ଛାତ୍ରଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଜେକେପୁର,୧୦।୮(ଡ଼ି.ଏନ.ଏ)

ଜେକେ କାଗଜକଳ ତରଫରୁ ଉଚ୍ଚଶିକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯାଇଛି। କାଗଜକଳରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ପିଲାମାନେ ଯିଏ ୬୦ %ରୁ ଅଧିକ ନମ୍ବର ରଖିଥିବେ ତାଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଚଳିତ ବର୍ଷ ୪୨ ଜଣଙ୍କୁ ମୋଟ ୫ ଲକ୍ଷ ୮୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ଇଞ୍ଜିନିୟରିଂ,ଏମବିଏ,ଏମଟେକ୍, ପିଏଚଡ଼ି, ଏମବିବିଏସ,ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ଏହା ପ୍ରଦାନ କରାଯାଇଛି ବୋଲି ଲୋକ ସମ୍ପର୍କ ଅଧିକାରୀ ସୁନିଲ କମାର ନାଥ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜେକେ କାଗଜକଳ ଏକଜିକ୍ୟୁଟିଭ ଉପସଭାପତି ପବନ କୁମାର ସୁରି ମୁଖ୍ୟ ଅତିଥି, ମହିଳା ମଣ୍ଡଳ ସଭାପତି ବେଲା ସୁରି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେକେ କାଗଜକଳର ହରିହର ଖମାରୀ, ଶୁସମବିତ୍ ସାହୁ, ଅମିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କାନ୍ଥ ଭୁଶୁଡ଼ି ମାଆ, ୨ ପୁଅ ଗୁରୁତର

ରାୟଗଡ଼ା ଅଫିସ,୧୦।୮

ରାୟଗଡା ଜିଲା ତାଡମା ପଞ୍ଚାୟତ ଅନ୍ତର୍ଗତ ରଘୁଭଟା ଗ୍ରାମରେ କାନ୍ଥ ଭୁଶୁଡି ମା ଓ ୨ ପୁଅ ଗୁରୁତର ହୋଇଛନ୍ତି। ସେମାନଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଲେମି ଜାକକା ଓ ତାଙ୍କର ୨ ପୁଅ ଘରେ ଶୋଇଥିଲେ। ଲଗାଣ ବର୍ଷାରେ ଭିଜିକି ଥିବା ମାଟିକାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଆଲେମିଙ୍କ ସ୍ୱାମୀ ସୋମନାଥ ଓ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାୟଗଡା ତହସିଲ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଥିବା ବେଳେ ଘର ଭଙ୍ଗା କ୍ଷୟକ୍ଷତି ପାଇଁ ରିପୋର୍ଟ ଦିଆଯାଇଛି।

# ମଦ ପିଇବାକୁ ଟଙ୍କା ନ ଦେବାରୁ ଆକ୍ରମଣ

ରାୟଗଡ଼ା ଅଫିସ,୧୦।୮

**ମା,ଝିଅ ଗୁରୁତର**



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ମା,ଝିଅ।

ମଦ ପିଇବାକୁ ଟଙ୍କା ନ ଦେବାରୁ ଶନିବାର ରାୟଗଡ଼ା ସହରର ବ୍ୟାଙ୍କ କଲୋନୀଠାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଓ ଝିଅକୁ ଛୁରିରେ ଆକ୍ରମଣ କରିଛନ୍ତି। ଛୁରାମାଡ଼ରେ ଉଭୟ ମାଆ ଓ ଝିଅ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସହରର ବ୍ୟାଙ୍କ କଲୋନୀରେ କେ. ରଘୁନାଥ ଓ ତାଙ୍କ ପରିବାର ରହୁଥିଲେ। ପୂର୍ବାହ୍ନରେ ରଘୁନାଥ ଆସି ସ୍ତ୍ରୀ ଏ. ଲିଲାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ସେ ନ ଦେବାରୁ ରଘୁନାଥ ଓ ଲିଲାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ରଘୁନାଥ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ଲିଲା ଓ ଝିଅ ଗାୟତ୍ରୀଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ପଡ଼ୋଶୀ ଗୁରୁତର ଅବସ୍ଥାରେ ମାଆଝିଅଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଘୁନାଥଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଲିଲା ଓ ଅନ୍ୟମାନେ ମୋତେ ଅପହରଣ କରିବା ନେଇ ଜାଣିବା ପରେ ଆକ୍ରମଣ କରିଥିବା ରଘୁନାଥ କହିଛନ୍ତି।

# ଗୁଣପୁର ଝୁଲଣ ଯାତ୍ରା ଆରମ୍ଭ

ଗୁଣପୁର,୧୦।୮(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ଝୁଲଣ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ସ୍ୱତନ୍ତ୍ର ଦୋଳିରେ ବସାଇ ଝୁଲା ଯାଇଥିଲା। ଗୁଣପୁର ସହର ଜଗନ୍ନାଥ ମନ୍ଦିରରେ ସମସ୍ତ ରୀତିନୀତି ମୁତାବକ ଝୁଲଣ ଯାତ୍ରା ଶନିବାର ସନ୍ଧ୍ୟାରେ କରାଯାଇଥିଲା। ପୂଜକ ଭାବେ ତ୍ରିପତି ମହାନ୍ତି ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ମହିଳାମାନେ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇ ଗୀତ ଗାନ କରିଥିବାବେଳେ ପୁରୁଷ ଭକ୍ତମାନେ ନାମ ମୋହନ ମନ୍ଦିରରେ ମଧ୍ୟ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା।



ଜଗନ୍ନାଥ ମନ୍ଦିରରେ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲା ଯାଉଛି।

■ ପଦ୍ମପୁରର ପଞ୍ଚାୟତ ସମସ୍ୟା ନେଇ ଲୋକ ପ୍ରତିନିଧିଙ୍କ ଦାବିପତ୍ର

# ୧୫ ଦିନରେ ସମାଧାନ ନ ହେଲେ ଅନଶନ

ଗୁଣପୁର,୧୦।୮(ଡି.ଏନ୍.ଏ.)



ସମିତି ସଭ୍ୟ ଦାବିପତ୍ର ପ୍ରଦାନ କରୁଛନ୍ତି।

ବିଭିନ୍ନ ସମସ୍ୟା ଭିତରେ ବୁଡି ରହିଛି ପଦ୍ମପୁର ପଞ୍ଚାୟତ। ଏଥିପ୍ରତି କାହାର ନଜର ପଡୁନାହିଁ। ସମସ୍ୟା ଜଣାଇଲେ ମଧ୍ୟ ସମାଧାନ ହେଉନି। ଏହାଛଡ଼ା ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଛି ବୋଲି ପଦ୍ମପୁର ସମିତି ସଭ୍ୟ ବିଦ୍ୟାଧର ମହାକୁଡ଼ କହିଛନ୍ତି। ୧୫ ଦିନ ମଧ୍ୟରେ ବ୍ଲକରେ ରହିଥିବା ସମସ୍ୟା ସମାଧାନ ନ ହେଲେ ଆମରଣ ଅନଶନରେ ବସିବି ବୋଲି ସେ ଚେତାବନୀ ଶୁଣାଇଛନ୍ତି। ସେ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ବ୍ଲକ କାର୍ଯ୍ୟାଳୟ ବରିଷ୍ଠ କିରାଣି ଓ ଗୁଣପୁର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସୁନାରିଘାଇ ଛକରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଯାତ୍ରୀ ବିଶ୍ରାମାଗାର କାମ ଶେଷ କରିବା, ସେଠାରେ ଥିବା ହାଇମାଷ୍ଟ ଲାଇଟ ସହ ପଦ୍ମପୁର ପଞ୍ଚାୟତ ଅଧୀନ ସାହିଗୁଡ଼ିକରେ ଥିବା ଲାଇଟ ଜଳାଇବା ବ୍ୟବସ୍ଥା, ଅନ୍ଧାରିଆ ସ୍ଥାନରେ ଲାଇଟ ଲଗାଇବା, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଡ୍ରେନ ଏବଂ ରାସ୍ତା ମରାମତି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବର୍ଷା ଦିନେ ଡ୍ରେନଗୁଡିକ ସଫେଇ ସହ ଫିନାଇଲ ଓ ବ୍ଲିଚିଂ ପାଉଡର ସିଞ୍ଚନ, ସାଧାରଣ ନିର୍ବାଚନ ପରଠାରୁ ପଞ୍ଚାୟତ ସମିତିର ବୈଠକ ହୋଇନାହିଁ, ତେଣୁ ଲୋକ ପ୍ରତିନିଧିମାନଙ୍କୁ ନେଇ ବୈଠକ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।